ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK ପର୍ଯବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25. No.297 Bhubaneswar Friday January 13, 2023 ୨୫ତମ ବର୍ଷ ସଂଖ୍ୟା-୨୯୭ ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୩,୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS




ଶ୍ରୀ ନରେନ୍ଦ୍ର ମୋଦୀ
ମାନନୀୟ ପ୍ରଧାନମନ୍ତ୍ରୀ



ଶ୍ରୀ ନବୀନ ପଟ୍ଟନାୟକ
ମାନନୀୟ ମୁଖ୍ୟମନ୍ତ୍ରୀ, ଓଡ଼ିଶା

FIH ODISHA HOCKEY MEN'S WORLD CUP 2023
ଭୁବନେଶ୍ୱର - ରାଉରକେଲା
୧୩-୨୯ ଜାନୁଆରୀ ୨୦୨୩

ପୁରୁଷ ହକି ବିଶ୍ୱକପ୍
#INDIAKAGAME
ସମସ୍ତ ମୁହୂର୍ତ୍ତକୁ କରନ୍ତୁ ଉପଭୋଗ

ଭାରତ VS ସ୍ପେନ୍
୧୩ ଜାନୁଆରୀ,୨୦୨୩ | ସନ୍ଧ୍ୟା ୭ ଘଟିକା | ରାଉରକେଲା

ଆଗାମୀ ଭାରତ ମ୍ୟାଚ୍
୧୫ ଜାନୁଆରୀ,୨୦୨୩ | ସନ୍ଧ୍ୟା ୭ ଘଟିକା | ରାଉରକେଲା
ଭାରତ VS ଇଂଲଣ୍ଡ
୧୯ ଜାନୁଆରୀ,୨୦୨୩ | ସନ୍ଧ୍ୟା ୭ ଘଟିକା | ଭୁବନେଶ୍ୱର
ଭାରତ VS ୱେଲ୍ସ

ଅଧିକ ବିବରଣୀ ପାଇଁ
SCAN ME

– ଦେଖନ୍ତୁ – Disney+ hotstar STAR SPORTS
– କେବଳ ଟିକଟ କିଣିବା ପାଇଁ – Paytm insider Paytm

Azadi Ka Amrit Mahotsav

sports_odisha sports.odisha @sports_odisha @SportsOdisha

Presenting Partner ODISHA INDIA'S BEST KEPT SECRET | Host Partner OMC ODISHA | Global Leadership Partner Hero | Global Partners ODISHA JSW Watch'n Hockey FIH HOCKEY MANAGER | Official Partners TATA STEEL | Global Suppliers DREAM11 OSAKA polytan | Official Suppliers Apollo Sportz Watergen

OIPR-29001/13/0062/2223 DSPL-419








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଇ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ଓ୍ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ପୁରାଣ କାହାଣୀ

# ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

# ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

# ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟରଦ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ





ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷିୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢ଼କୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିରେ ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।
କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧିପାଇଛି। ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

# ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

# ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

# କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାଡ଼ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍‌ର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।




# ଚାଷୀ ହସିଲେ ଦେଶ ହସିବ

••••••••••••••ଡି ଶୁଭମ୍••••••••••••••



ଏ ସମାଜ ଓ ସଭ୍ୟତାର ମେରୁଦଣ୍ଡ ହେଉଛି କୃଷି। କୃଷିର ଆଦ୍ୟ ଓଁକାର। ସେଇ କୁଶଳୀ ବିନ୍ଧାଣୀଙ୍କ ଉଦ୍ଦେଶ୍ୟରେ ପ୍ରତିବର୍ଷ ଡ଼ିସେମ୍ବର ୨୩କୁ ଜାତୀୟ କୃଷକ ଦିବସ ଭାବେ ପାଳନ କରାଯାଉଛି। ସାମାଜିକ ଜନଜୀବନ ସହ କୃଷି ସହ ସମ୍ପର୍କ ଢ଼େର ପୁରୁଣା। ଜନସଂସ୍କୃତି ଆଉ କୃଷି ପରସ୍ପରର ପରିପୂରକ। ଖାଦ୍ୟ ମଣିଷର ପ୍ରଥମ ଆବଶ୍ୟକତା। କୃଷି ଆଉ କୃଷକର ସାଥ ବିନା ଖାଦ୍ୟ ସାରା ଦୁନିଆ ପାଇଁ ଏକ ସ୍ୱପ୍ନ ପ୍ରାୟ। ମଣିଷ ଯଦି କାଲି ବଂଚିବା ପାଇଁ କିଛି ନୂଆ ସମ୍ଭାବନା ଦେଖେ ତାହେଲେ କୃଷି ବିନା ଏସବୁ ଦୁଃସ୍ୱପ୍ନ। ଦିନ ଥିଲା ଏ ସମାଜ ସବୁଜିମାର ବଳୟ ଭିତରେ ଆବଦ୍ଧ ହୋଇ ଥିଲା। ପରିବେଶ ସବୁଜର ଆବରଣରେ ବେଶ ଖୁସି ହୋଇ ହସୁଥିଲା। କୃଷିକୁ କଷ୍ଟ ନୁହେଁ ବରଂ ଏକ କର୍ମସିକ୍ତ ଭାବନାରେ ପ୍ରତିପାଦିତ କରାଯାଉଥିଲା। ଚାଷ ଜମି ଥିଲା ଚାଷୀର ସବୁକିଛି। ସଭ୍ୟତା ଓ ସଂସ୍କୃତିର ମାନଦଣ୍ଡ। ଦେଶ ଅର୍ଥନୀତିର ମାପକାଠି ରୂପେ କୃଷିକୁ ହିଁ ବିବେଚନା କରାଯାଉଥିଲା।

ସମସ୍ତେ ଅନେକ କଥା ଦେଖନ୍ତି,



ଅନେକ କଥା ଶିଖନ୍ତି। କିନ୍ତୁ ସେସବୁକୁ ଦୈନନ୍ଦିନ ଜୀବନରେ ଉପଯୋଗ କରିବାର ଦୃଷ୍ଟାନ୍ତ ବହୁତ କମ୍। ଚାଷ ବିଷୟରେ କାହାକୁ ବା ଅଜଣା। ସମସ୍ତେ ଚାଷ କ'ଣ, ଚାଷ କେମିତି ହୁଏ ଜାଣିଛନ୍ତି। କିନ୍ତୁ କେହି କେବେ ସେ କାମ କରିବାକୁ ଆଗ୍ରହ ପ୍ରକାଶ କରନ୍ତିନି। ନିଛକ ସତ କଥାଟି ହେଲା ଏସି ରୁମ୍ ଚେୟାର ଟେବୁଲ ଛାଡ଼ି ଏ ବିଲବାଡ଼ି କାମ କିଏ ବା କରିବ! ସକାଳ ୧୦ଟା ବାଜିଲେ ଅଫିସ ଯାଅ ଆଉ ସଂଧ୍ୟା ହେଲେ ପାର୍କ ଆଉ ସିନେମା। ଏ କାଦୁଅ ବିଲକୁ ଆମେ ବା କାହିଁକି ଯିବୁ। ଯିଏ ତ କରିବା କଥା କରୁଛି, ଆମେ ବଜାର ଯିବୁ, କିଣିବୁ ଖାଇବୁ। ଏ ହେଉଛି ଏବେକାର ସମାଜର ଜ୍ୱଳନ୍ତ ପ୍ରତିଛବି। ଆମେ ନ ମାନିଲେ ବି ଏହା ସତ୍ୟ।

ଶ୍ୟାମଳ ସୁବର୍ଣ୍ଣ ୨୦୧୮ ମସିହାରେ ଯେବେ ଆରମ୍ଭ କରିବାର ଚେଷ୍ଟା କରିଥିଲି ସେବେ ଚାଷ କଣ ଜାଣିନଥିଲି, କେବଳ କ୍ଲାସରୁମର ଶିକ୍ଷା ଭିତରେ ସୀମିତ ଥିଲି। ନା କୌଣସି ଚାଷୀଙ୍କ ସହ ମିଶିଥିଲି ନା ସେ ଚାଷର ଗହନ କଥାକୁ ବୁଝିଥିଲି। ପରବର୍ତ୍ତୀ ସମୟରେ ଅନେକ ଗାଁକୁ ଗଲି, ଚାଷୀଙ୍କ ସହ ମିଶିଲି। ସେମାନଙ୍କ ସହ କ୍ଷେତରେ ସମୟ ବି କାଟିଲି। ସେବେ ଜାଣିଲି ଏ କୁଶଳୀ କାରିଗରମାନଙ୍କ ମହନୀୟତା ବିଷୟରେ। ପତ୍ରିକାରେ ସବୁ ସଂଖ୍ୟାରେ ସେଥିପାଇଁ କେବଳ କୃଷିଭିତ୍ତିକ ତଥ୍ୟକୁ ସ୍ଥାନ ଦେବାକୁ ଚେଷ୍ଟା କରିଛି। ତେବେ ଏ ଭିତରେ ଚାଷୀଙ୍କ ସହ ମିଶି ସେମାନଙ୍କ ଚାଷ ପ୍ରତି ଆଗ୍ରହ ହେଉ କିମ୍ବା ସେମାନଙ୍କ କାର୍ଯ୍ୟଦକ୍ଷତା ଓ ନିପୁଣତା ବିଷୟରେ ଅନେକ କିଛି ଜାଣିବାକୁ ପାଇଲି।

୨୦୨୦ ମାର୍ଚ୍ଚରୁ ଏବେ ଯାଏଁ ଗୋଟିଏ ଶବ୍ଦ ଯାହା ଆମ ଭିତରେ ଭୟ ସଂଚାର କରି ଚାଲିଛି ସେ ହେଉଛି କରୋନା। ଆଶା ଓ ଆଶଙ୍କାର ଆବରଣରେ ବାନ୍ଧି ହୋଇଯାଇଛନ୍ତି ଜନସାଧାରଣ। ଗୋଟେ ସମୟରେ ସାରା ଭାରତ ଏକପ୍ରକାର ତାଲାବନ୍ଦ ଅବସ୍ଥାରେ ଥିଲା। ଜନଜୀବନ ସ୍ତବ୍ଧ। ସବୁଆଡ଼େ ଖାଁ ଖାଁ। ଏହି ତାଲାବନ୍ଦ ଯୋଗୁଁ ଗରିବ, ଖଟିଖିଆଙ୍କର କାମଦାମ ଏକପ୍ରକାର ବନ୍ଦ ହୋଇଯାଇଥିଲା। ତେବେ ଏହାରି ଭିତରେ ଥକି ପଡ଼ିନାହିଁ ଚାଷୀ। କାହିଁକି ନା ଯଦି ସେ ବସିପଡ଼ିବ, ଥକିପଡ଼ିବ ତା'ହେଲେ ଦି ଓଳି ଦାନା ଦି ମୁଠା ପେଟକୁ ଯିବା ସ୍ୱପ୍ନ ହୋଇଯିବ। ସେ ଛୁଟି କଣ ଜାଣିନି। ସେ ଥକ୍କାପଣ କଣ ଜାଣିନି। ସେ ଜାଣିନି ମଉଜମଜିଲିସର ମହକ। କେବଳ ଏତିକି ଜାଣିଛି ସେ ଚଷା ଘରପୁଅ। ଖଟିଲେ ଖାଇବ। ଚାଷ କଲେ ଦୁନିଆ ଚଳିବ। ସବୁ ଲୋକଙ୍କ ମୁହଁରେ ଖାଦ୍ୟ ଦେବା ପାଇଁ ସେ ଅବିରତ ସଂଗ୍ରାମ କରିଚାଲେ। ସଂଘର୍ଷକୁ ଆଦରି ବେଶ ଖୁସିରେ ନିଜ କର୍ମ ସମ୍ପାଦନ କରେ। ସେଇଥିପାଇଁ ତ ସେ ମହାନ।

ଚାଷୀକୁଳର ବିକାଶ ଦିଗରେ ସରକାରଙ୍କ ଦ୍ୱାରା ଅନେକ ଯୋଜନା ପ୍ରଣୟନ ହୋଇଛି। ହେଲେ ସବୁଠୁ ବଡ଼ କଥା, ଏହା କେତେଦୂର କାର୍ଯ୍ୟକାରୀ ହୋଇପାରିଛି ! ତେବେ ୨୦୧୩-୧୪ ବର୍ଷର ଆର୍ଥିକ ବର୍ଷରେ ୭୧୬୨ କୋଟି ଟଙ୍କାର ବଜେଟ୍ ଆଗତ ହୋଇଥିବା ବେଳେ ଏବର୍ଷ ଏହାଠାରୁ ଯଥେଷ୍ଟ ୩ଗୁଣା ଅଧିକ ହୋଇଛି। ରାଜ୍ୟ ସରକାର ଆଣିଥିବା କାଳିଆ ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ ଅଟେ। ପରନ୍ତୁ କେତେକ ଅସାଧୁ ଲୋକବି ଏହି ଯୋଜନାର ଫାଇଦା ଉଠାଇଥିବାର ଲକ୍ଷ୍ୟ କରାଯାଇଥିଲା, ଯାହା ଅତି ଦୁଃଖର ବିଷୟ। ଏହାଛଡ଼ା ସୌର ଜଳନିଧି ଯୋଜନା ଯାହା ଜଳସେଚନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କର ଚାଷୀମାନଙ୍କ ପାଇଁ ବଳରାମ ଯୋଜନା, ସଫଳ ଯୋଜନା, ଗୋ ସୁଗମ ପରି ବିଭିନ୍ନ ବିକାଶୋନ୍ମୁଖୀ ଯୋଜନା ଏବେ ଚାଷୀଙ୍କ ପ୍ରଗତି ଦିଗରେ କାମ କରୁଛି। ଏତଦ୍‌ବ୍ୟତୀତ ଓଡ଼ିଶାରେ ମିଲେଟ ମିଶନ ଏବେ ଏକ ଯୁଗାନ୍ତକାରୀ ପଦକ୍ଷେପ। ପୁଷ୍ଟିଶସ୍ୟର ପ୍ରସାର ପ୍ରସାର ସହ ରାଜ୍ୟରେ ଏହା ଏବେ ଏକ ବିପ୍ଳବ ଭାବରେ ପରିଣତ ହୋଇଛି।

ସବୁ ସମୟରେ କେବଳ ଓଡ଼ିଶା ନୁହେଁ, ଭାରତରେ ମଧ୍ୟ ବିଭିନ୍ନ ରାଜ୍ୟମାନଙ୍କରେ ଚାଷୀମାନେ ନିଜ ହକ୍ ପାଇଁ ଆନ୍ଦୋଳନ କରୁଛନ୍ତି। ନାସିକ୍‌ଠାରେ ଏକ ବିରାଟ ପଦଯାତ୍ରା ଏହାର ଉଦାହରଣ। କିନ୍ତୁ ପରିତାପର ବିଷୟ ଏହିକି ଯେ ସରକାର ଏହାକୁ ଦୃଷ୍ଟିଦେଉନାହାନ୍ତି ନା ଏଥିପ୍ରତି ଅବହେଳା କରୁଛନ୍ତି। ସତରେ ବୁଝିହୁଏନା ଏହା ଅବହେଳା ନା ଜାଣିଶୁଣି ନ କରିବାର ଏକ ବାହାନା। ଓଡ଼ିଶାର ୭୦ ଭାଗ ଲୋକ ଚାଷ ଉପରେ ନିର୍ଭରଶୀଳ। କ୍ଷେତରେ ଖଟିଲେ ଚାଷୀଟିଏ ପରିବାର ପୋଷେ। କିନ୍ତୁ ଯଦି ସେଇ ଚାଷୀକୁ ଅଣଦେଖା କରାଯାଏ, ଏହା କ'ଣ ଅନ୍ୟାୟ ନୁହେଁ? ଥରେ ନିଜ ଅନ୍ତରାତ୍ମାକୁ ପଚାରିଲେ- ଚାଷୀଟିଏ କଣ କେବେ ବଡ଼ବଡ଼ ଘର, ଗାଡ଼ି ଏସବୁ ସରକାରଙ୍କ ପାଖେ ମାଗିଥାଏ ! ନା କେବେ ନୁହେଁ; ବରଂ ନିଜ ସ୍ୱାଭିମାନ ପାଇଁ ସରକାରଙ୍କ ପାଖେ ଅଭିମାନ କରେ। ହେଲେ ଆଜି ଏସବୁ ନିଷ୍ଫଳ। ସେସବୁ ଅଭିମାନକୁ ଶୁଣିବା ଦୂରର କଥା; ବରଂ ଥରେହେଲେ ବି ଏହାର ସଫଳ ରୂପାୟନ କଥା ଚିନ୍ତା ହୋଇନି। ଯେଉଁ ଚାଷୀକୁଳ ଭିଜାମାଟିରେ କର୍ଷଣ କରି ଶ୍ୟାମଳ ଜମିରେ ସୁବର୍ଣ୍ଣ ପରିପାଟୀର ଦୃଷ୍ଟି ଆକର୍ଷଣ କରେ, ଆଜି ସେମାନଙ୍କ ଦାବି ଶୁଣିବାକୁ କେହି ବି ପ୍ରସ୍ତୁତ ନୁହନ୍ତି।

୧୯୯୯ର ମହାବାତ୍ୟା ହେଉ, ହୁଡ୍‌ହୁଡ୍, ତିତ୍‌ଲି, ଫନି ପରି ବାତ୍ୟାର ବିଭୀଷିକା ହେଉ କି ଚକଡ଼ା ପୋକର ବିପ୍ଳାତ ହେଉ, ଏସବୁଥିରେ ବେଶ ସୁଦୃଢ଼ ମନୋବଳ ସହ ଚାଷୀ ଏହାକୁ ସାମ୍ନା କରିଛି, ମୁକାବିଲା ବି କରିଛି ଆଉ ଅଣ୍ଟା ସଳଖି ଠିଆହୋଇଛି। ଯେଉଁ



ବାତ୍ୟା ଦିନେ ଚାଷ ଜମିକୁ ବିପର୍ଯ୍ୟସ୍ତ କରିଥିଲା, ପୁଣି ସେ କ୍ଷେତରେ ଫରଫର ହେଇ ଧାନ କେଣ୍ଡା ହସିଛି, ପୁଣି ସୋରିଷର ମହମହ ବାସ୍ନା ସାଙ୍ଗକୁ ହଳଦୀର ଆବରଣରେ ପରିବେଶ ବି ମୁଗ୍ଧ ହୋଇଛି। କିନ୍ତୁ ଚାଷୀ କେବେ ବସିନି। ଚାଷୀ ମନଦୁଃଖ କରିଛି, ଅନୁତାପ କରିଛି କିନ୍ତୁ ନିଜ କର୍ତ୍ତବ୍ୟପଥରୁ ବିଚ୍ୟୁତ ହୋଇନାହିଁ। ସେ ସୃଷ୍ଟି କରିଛି ଆଦର୍ଶ ଓ ବାସ୍ତବତାର ନୂଆ ଏକ ରୂପରେଖ। ସେ କାଦୁଅ ବିଲରେ ପଶେ; କିନ୍ତୁ ଶେଷରେ ସୁବର୍ଣ୍ଣର ମାହୋଲ ବି ରଚନା କରିଦିଏ। ଆଉ ଏଇ କରୋନାର ଭୟାବହତା ଆଉ ଡର ଭିତରେ ସମସ୍ତେ ଆମେ ଘରେ ସୁରକ୍ଷିତ ରହୁଛନ୍ତି ସତ; କିନ୍ତୁ ଚାଷୀର ମନ ସେଇ ଚାଷଜମିରେ। ସେ ପରା ତାର ମାନସ ସନ୍ତାନ। ଦିହେଁ ଦୁହିଁକୁ ଛାଡ଼ି କେମିତି ବି ରହିବେ! ବର୍ଷ ବର୍ଷ ଧରି ଏଇ ଅତୁଟ ସମ୍ପର୍କକୁ ଯିଏ ଛିନ୍ନ କରିପାରିନି, ଏ ଭୟାବହତା କଣ ବା କରିବ ! ଆଜି ବି ଚାଷୀ ଚାଷଜମିରେ ବେଶ ଖୁସିରେ ଚାଷ କରୁଛି। ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରୁଛି।

ଧାନ ଓଡ଼ିଶାର ମୁଖ୍ୟ ଫସଲ। ଓଡ଼ିଶାର ଅର୍ଦ୍ଧେକାଂଶ ଚାଷୀ ଧାନ ଉପରେ ନିର୍ଭରଶୀଳ। ଏବେ ଖରିଫ ଋତୁରେ ଧାନ ଚାଷ ହେବ। ବିହନ ବୁଣା ଆରମ୍ଭ ହେବ। ତଳି ପଡ଼ିବ। ରୁଆ ହେବ। ଏମିତି ଅନେକ କିଛି କଥା।। ଏଇ କିଛିଦିନ ତଳେ ସମସ୍ତେ ମାତୃଦିବସ ପାଳନ କଲେ, ମା'ର ଅବଦାନକୁ ସ୍ମରଣ କରିବା ପାଇଁ ଏଇ ଦିନଟିକୁ ସମସ୍ତେ ବେଶ ଖୁସିରେ ମନେଇଲେ। ସୋସିଆଲ ମିଡ଼ିଆରେ ମା'ଙ୍କ ପାଇଁ ବେଶ ଶିକ୍ଷଣୀୟ ବାର୍ତ୍ତା ବି ଦେଖିବାକୁ ମିଳିଲା। ଏଇସବୁ ଭିତରେ ମୁଁ ସେମିତି ଜଣେ ଚାଷୀଙ୍କୁ ଭେଟିଥିଲି ଯିଏ ନିଜ ମା'ଙ୍କ ଆଦର୍ଶକୁ ଗ୍ରହଣ କରି ଚାଷ କରିବାକୁ ଆଗ୍ରହ ପ୍ରକାଶ କଲେ। ସବୁଥିରେ ପାରଙ୍ଗମ। ସୁନ୍ଦରଗଡ଼ ଜିଲ୍ଲାର ସୁକାନ୍ତି ଭିତିରିଆ। ମା'ଙ୍କ ଉପରେ ମୁଁ ତାଙ୍କୁ କିଛି ପ୍ରଶ୍ନ କରିବା ପୂର୍ବରୁ ସେ ବେଶ ଚମତ୍କାର ଭାବରେ ପ୍ରଥମ ଧାଡ଼ି କହିଗଲେ-ମୋ ମା' ମୋ ପାଇଁ ସବୁକିଛି। ଆଜି ମୁଁ ଯାହା ବି ହୋଇଛି ସବୁ ମୋ ମା' ପାଇଁ। ଜଣେ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା ହୋଇ ଘରେ ସୃଷ୍ଟି କରିଛନ୍ତି ପାକଶାଳା ବଗିଚାର ମାହୋଲ। ପାକଶାଳା ବଗିଚା ଏବେ ଏକ ଲୋକପ୍ରିୟ ସହରାଂଚଳ କୃଷିର ଉଦାହରଣ। ତେବେ କଥାଛଳରେ ସେ ବଖାଣିବସିଲେ ପରିବାରର କଥା। ଆଉ ମୁଁ ବୁଝିପାରିଲି ଜଣେ କେବଳ ଚାଷ ଶିଖିଲେ ଯେ ଚାଷ କରିପାରିବ, ସେ କଥା ନୁହେଁ; ଚାଷ ପାଇଁ ଦରକାର ଦୃଢ଼ ମନୋବଳ ଆଉ କଠିନ ଇଚ୍ଛାଶକ୍ତି। ଯାହା ତାଙ୍କ ମା' ହିଁ ଆରମ୍ଭ କରିଥିଲେ। ଆଉ ଆଜି ତାଙ୍କ ମା'ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବି ସୃଷ୍ଟି କରିଛନ୍ତି ଉଦ୍ୟାନ କୃଷିର ବେଶ କିଛି ନୂଆ ଢ଼ାଂଚା।

ସେଇଠାରୁ ବୁଝିଗଲି ଚାଷୀର ସଂଜ୍ଞା ପାଇବା ସତରେ ବଡ଼ କଷ୍ଟ। ଆମେ ତିନି ଚାରି ଘଣ୍ଟା କ୍ଷେତକୁ ଗଲେ ହାତ ଦରଜ ହୋଇ ଦୁଇ ଦିନ ଆରାମ କରୁଥିବା ବେଳେ ସେ ଦିନରୁ ରାତିଯାଏଁ ବେଶ ଆନନ୍ଦରେ ନିଜ କାମକୁ ଉପଭୋଗ କରେ। ସତେ ଯେମିତି ଏ ମାଟିର ସବୁ କଣିକାକୁ ସେ ବେଶ ଭଲ ଭାବରେ ଚିହ୍ନିଯାଇଛି।

*-କୃଷି ସ୍ନାତକୋତ୍ତର (ମୃତ୍ତିକା ବିଜ୍ଞାନ), ସୋଆ, ଭୁବନେଶ୍ୱର, ମୋ- ୯୪୩୮୪୬୭୦୭୯*

# -ଗୋଲୋ ଡାଏଟ-





ଡାଏଟ ଅନୁସରଣ କରୁଥିବା ବ୍ୟକ୍ତିଙ୍କ ପାଇଁ କିଛି ନିର୍ଦ୍ଦିଷ୍ଟ ଖାଦ୍ୟପେୟ ପ୍ରତି ପ୍ରତିବନ୍ଧକ ଥାଏ। ହେଲେ ଗୋଲୋ ଡାଏଟରେ ଏହା ନଥାଏ। ଗୋଲୋ ଡାଏଟରେ ସବୁ ପ୍ରକାର ଖାଦ୍ୟ ଖାଇ ହୁଏ। କିନ୍ତୁ ଏହା ସ୍ୱାସ୍ଥ୍ୟକର ହୋଇଥିବା ଦରକାର। ଏବେ ଅନେକ ମଧୁମେହ ରୋଗୀମାନେ ଏହି ଗୋଲୋ ଡାଏଟ ଅନୁସରଣ କରୁଛନ୍ତି। ବିଶେଷଜ୍ଞମାନେ କୁହନ୍ତି, ଗୋଲୋ ଡାଏଟ ଅନୁସରଣ କରି ମଧୁମେହ ରୋଗୀ ଓଜନ କମ କରିପାରିବେ। ଅନ୍ୟ ଡାଏଟ ପରି ଏହି ଡାଏଟ ମଧ୍ୟ ଓଜନ କମାଇବାରେ ସହାୟକ ହୋଇଥାଏ। କିନ୍ତୁ ଗୋଲୋ ଡାଏଟ ଓଜନ କମ କରିବା ସହିତ ମଧୁମେହ ରୋଗୀଙ୍କ ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ। କାରଣ ଗୋଲୋ ଡାଏଟ ସର୍କରା ସ୍ତରକୁ ନିୟନ୍ତ୍ରିତ ରଖିଥାଏ। ଏହି ଡାଏଟ ହରମୋନକୁ ନିୟମିତ କରିବା ସହ ମେଟାବଲଜିମ୍ ବଢ଼ାଇଥାଏ। ଏହି ଡାଏଟରେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବାକୁ ପଡ଼ିଥାଏ। ଏହା ସହିତ ବ୍ୟାୟାମ ମଧ୍ୟ କରିବାକୁ ହୋଇଥାଏ। ଅଧ୍ୟୟନରୁ ଜଣାପଡ଼ିଛି ଗୋଲୋ ଡାଏଟରେ କମ ଗ୍ଲାଇସେମିକ ଖାଦ୍ୟ ଗ୍ରହଣ କରାଯାଏ। ଏଥିରେ ଅଧିକାଂଶ ଏମତି ଖାଦ୍ୟପଦାର୍ଥ ଥାଏ ଯାହା ରକ୍ତ ଶର୍କରା ସ୍ତରକୁ ବୃଦ୍ଧି କରିନଥାଏ। ଫ୍ୟାଟ ନଷ୍ଟ କରିଥାଏ ଏବଂ ମେଟାବଲିଜମ ବୃଦ୍ଧି କରିବାରେ ସାହାଯ୍ୟ କରେ। ଡାଏଟସିଆନ କୁହନ୍ତି, ଏହି ଡାଏଟରେ ଅନ୍ୟ ଡାଏଟ ତୁଳନାରେ ୨୦ରୁ ୩୦% ଅଧିକ ଖାଦ୍ୟ ମିଳିଥାଏ। ଯେଉଁଥିପାଇଁ ମେଟାବଲିଜମ ବୃଦ୍ଧି ପାଏ। ଏହି ଡାଏଟରେ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଏହା ୯୦ ଦିନର ଡାଏଟ ପ୍ଲାନ ହୋଇଥାଏ। ଏହି ଡାଏଟରେ ନିରାମିଷ ଖାଦ୍ୟ ପଦାର୍ଥ ମଧ୍ୟ ସାମିଲ କରାଯାଏ। ପନିପରିବା ସହିତ ମାଂସର ମିଶ୍ରଣ ଶରୀରକୁ ସବୁ ପୋଷକ ତତ୍ତ୍ୱ ପ୍ରଦାନ କରିବାରେ ସହାୟକ ହୋଇଥାଏ। ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକ ଲାଗିନଥାଏ। ଏଥିରେ କ୍ୟାଲୋରି ମଧ୍ୟ ନିୟନ୍ତ୍ରଣରେ ରହିଥାଏ। କ୍ୟାଲୋରି ନିୟନ୍ତ୍ରଣ ରହିବା କାରଣରୁ ଓଜନ ସହଜରେ କମାଇ ହୋଇଥାଏ। ତେବେ ଏହି ଡାଏଟରେ କେବଳ ସଠିକ ଆହାର ନୁହେଁ ବରଂ ବ୍ୟାୟାମର ମଧ୍ୟ ଆବଶ୍ୟକତା ରହିଛି। ସେଥିପାଇଁ ମଧୁମେହ ରୋଗୀ ଏହି ଡାଏଟ ଅନୁସରଣ କରିଥାନ୍ତି। ଏହି ଡାଏଟରେ ପ୍ରଚୁର ମାତ୍ରାରେ ଫଳ, ପନିପରିବା, ମାଛ, ମାଂସ, ଅଣ୍ଡା ସାମିଲ କରାଯାଇଥାଏ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଖଣିଜ, ଏବଂ ଖାଦ୍ୟସାର ରହିଥାଏ। ଏହି ଡାଏଟ ସ୍ୱାସ୍ଥ୍ୟ ଏବଂ ତ୍ୱଚାକୁ ସୁସ୍ଥ ଓ ସତେଜ ରଖିଥାଏ। ଏହି ଡାଏଟ ଅନ୍ତର୍ଗତ ମନଇଛା ଖାଦ୍ୟ ଖାଇବା ଅନୁଚିତ। ଡାକ୍ତରୀ ପରାମର୍ଶରେ ସୁଷମ ଖାଦ୍ୟ ଖାଆନ୍ତୁ। ଆପଣଙ୍କ ଖାଦ୍ୟ ତାଲିକାରେ ପନିପରିବା, ଫଳ ଓ ଫାଷ୍ଟଫୁଡ ଠାରୁ ଦୂରେଇ ରୁହନ୍ତୁ। ସମସ୍ତ ପ୍ରକାର ନିଶା ଦ୍ରବ୍ୟ ସେବନ ଠାରୁ ଦୂରେଇବା ସହ ଯୋଗ ଅଭ୍ୟାସ, ବ୍ୟାୟାମ ଓ ପ୍ରାଣାୟାମ ଖୁବ ଭଲ ଏ ଦିଗରେ ସଚେତନ ରହିବା ବାଞ୍ଛନୀୟ।

——**ଡାକ୍ତର କାନ୍ତୀ ନାୟକ,** ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ, **E-mail : drkanti111nayak@gmail.com**

## ଜାରକାରେ ଖୋଲିବ ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ କାର୍ଯ୍ୟାଳୟ

ଧର୍ମଶାଳା (ପିଏନ୍): ଯାଜପୁର ଜିଲ୍ଲା ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ କାର୍ଯ୍ୟାଳୟ ଧର୍ମଶାଳା ବ୍ଲକ ମୁଖ୍ୟାଳୟ ଜାରକାଠାରେ ଖୋଲିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ଜଣାପଡିଛି । ଏ ନେଇ ଜାରକା ନିକଟସ୍ଥ କୁମାରୀଠାରେ ଜମି ଚିହ୍ନଟ ପ୍ରକ୍ରିୟା ଶେଷହେବା ସହିତ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି । ଧର୍ମଶାଳାର ପୂର୍ବତନ ବିଧାୟକ ତଥା ଖଦିବୋର୍ଡ ନିର୍ଦ୍ଦେଶକ ରବି ଲାବଣ୍ୟ ଏ ସମ୍ପର୍କରେ ସୂଚନା ଦେବାସହ ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି । ଜାରକାଠାରେ ଜିଲ୍ଲା ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ କାର୍ଯ୍ୟାଳୟ ଖୋଲିବା ପାଇଁ ଆବଶ୍ୟକ ଜମି ଦେବା ନିମନ୍ତେ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଧର୍ମଶାଳା ତହସିଲଦାରଙ୍କୁ ୨୦୨୧ ସେପ୍ଟେମ୍ବରରେ ଦରଖାସ୍ତ କରାଯାଇଥିଲା । ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ କୁମାରୀ ମୌଜାରେ ଶିଳ୍ପ ବିଭାଗ ଅଧିନରେ ପୂର୍ବରୁ ଥିବା ଜମିକୁ କାର୍ଯ୍ୟାଳୟ ଖୋଲିବା ପାଇଁ ଚିହ୍ନଟ କରାଯାଇଛି । ଧର୍ମଶାଳା ତହସିଲଦାର ଏଥିପାଇଁ ୨.୫୦ ଏକର ଜମି ଦେବା ସହିତ ଏହାକୁ ସ୍ଥାୟୀ ପଟ୍ଟା ଦେବାପାଇଁ ସର୍ବସାଧାରଣରେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଏଠାରେ ହସ୍ତଶିଳ୍ପ କାର୍ଯ୍ୟାଳୟ ସହିତ ତାଲିମ କେନ୍ଦ୍ର ଖୋଲାଯାଇ କାରିଗରଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି ଜଣାପଡିଛି । ଉଭୟ ମହିଳା ଓ ପୁରୁଷ କାରିଗର ଏଠାରେ ରହି ତାଲିମ ନେବେ । କାରିଗରଙ୍କ ରହିବା ପାଇଁ ହଷ୍ଟେଲ ମଧ୍ୟ ନିର୍ମାଣ ହେବ । ଏହା ହସ୍ତଶିଳ୍ପ ବିଭାଗର ଏକ ହବ୍ ସେଣ୍ଟର ହେବ । ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ଏହି ଗୃହ ନିର୍ମାଣ ପାଇଁ ଅର୍ଥ ମଧ୍ୟ ମଂଜୁର ହୋଇଛି । ଏହି ଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳର ହସ୍ତଶିଳ୍ପ କାରିଗରଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ଧର୍ମଶାଳା ବ୍ଲକ ଅଞ୍ଚଳରେ ଚାନ୍ଦୁଆ, କାଇଁଚ, ଝୋଟ, ବେତବାଉଁଶ, ମାଟି କାରୁକାର୍ଯ୍ୟ ହସ୍ତଶିଳ୍ପ କାରିଗର ରହିଥିବା ବେଳେ ଏବେ ଏହି କାରିଗରମାନେ ଅଧିକ ଉପକୃତ ହେବା ସହିତ ସେମାନଙ୍କର ରୋଜଗାରର ପନ୍ଥା ସୁଦୃଢ଼ ହୋଇପାରିବ ବୋଲି ପୂର୍ବତନ ବିଧାୟକ ରବି ଲାବଣ୍ୟ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ କି ପୂର୍ବରୁ ଜାରକାଠାରେ ଜିଲ୍ଲା ଶିଳ୍ପକେନ୍ଦ୍ର କାର୍ଯ୍ୟାଳୟ ଖୋଲିବା ପାଇଁ ପୂର୍ବତନ ବିଧାୟକ ରବି ଲାବଣ୍ୟ ଦାବି କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଏଥିପାଇଁ ପ୍ରଶାସନ ପକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇଥିଲା । ମାତ୍ର ଜଗତପୁରରୁ ଆଞ୍ଚଳିକ ଶିଳ୍ପକେନ୍ଦ୍ର କାର୍ଯ୍ୟାଳୟ ଶେଷ ମୁହୂର୍ତ୍ତରେ ଜାରକା ବଦଳରେ ଯାଜପୁର ରୋଡ ଚାନ୍ଦମାକୁ ସ୍ଥାନାନ୍ତର ହୋଇଥିଲା । ସେତେବେଳେ ଜାରକାରେ ହସ୍ତଶିଳ୍ପ କାର୍ଯ୍ୟାଳୟ ଖୋଲାଯିବା ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପୂର୍ବତନ ବିଧାୟକଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା ।

## ସ୍ୱର୍ଗତ ସରୋଜ କୁମାର ପ୍ରଧାନଙ୍କ ଦ୍ୱାଦଶ କ୍ରିୟାରେ ଶ୍ରଦ୍ଧାଞ୍ଜଳି ସଭା



ଦର୍ପଣ (ପି.ଏନ)-ବଡଚଣା ବ୍ଲକ ଅନ୍ତର୍ଗତ ଦେଉଳକୁର ଗ୍ରାମର ସରୋଜ କୁମାର ପ୍ରଧାନଙ୍କ ଦ୍ୱାଦଶ କ୍ରିୟା ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ନିଜ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସେଠାରେ ଆୟୋଜିତ ଏକ ଶ୍ରଦ୍ଧାଞ୍ଜଳି ସଭାରେ ସମାଜସେବୀ ପ୍ରଦିପ୍ତ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ବିଧାୟକ ଅମର ପ୍ରସାଦ ଶତପଥି, ରାଜ୍ୟସଭା ସାଂସଦ ଅଚ୍ୟୁତ ସାମନ୍ତ, ରାଜ୍ୟ ବିଜେଡି ସାଧାରଣ ସଂପାଦକ ଜନ୍ମେଜୟ ଲେଙ୍କା, ପ୍ରଦିପ ଜେନା ଆଇ.ଏସ., ଅବସରପ୍ରାପ୍ତ ଷ୍ଟାଫ ସିଲେକସନ କମିସନର ନିର୍ମଳ ଚନ୍ଦ୍ର ମିଶ୍ର, ବିଜେପି ନେତା ଅମର ନାୟକ, ପ୍ରାକ୍ତନ ପଂଚାୟତ ସମିତି ଅଧ୍ୟକ୍ଷ କୈଳାସ ଚନ୍ଦ୍ର ରାଉତ, ଅବସରପ୍ରାପ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଅଜୟ ଲେଙ୍କା, ବସନ୍ତ ନାୟକ, ହେମେଶ ରାଉତ, ଦିଲିପ ଲେଙ୍କା, ସାମ୍ବାଦିକ ଶିବରାମ ସାହୁ, ଇଂଜିନିୟର ଭବାନୀ ଶଙ୍କର ବାରିକ, ସମିତି ସଭ୍ୟ ମଧୁସୁଦନ ବଳ, ସରପଂଚ ପ୍ରତିନିଧି ପ୍ରକାଶ ପ୍ରଧାନ, ସରୋଜ ପଣ୍ଡା, ରାସବିହାରୀ ଜେନା, ଶିକ୍ଷକ ଗଙ୍ଗାଧର ନାୟକ, ସାଗରିକ ।ବିହାରୀ, ଯାଜପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ରମାକାନ୍ତ ରାଉତ, ପଣ୍ଡିତ ପଦ୍ମଲାଭ ଓତା, ନଳିନିପ୍ରଭା ସାମଲ, ପ୍ରକାଶ କୁମାର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସମସ୍ତ ଅତିଥିବୃନ୍ଦ ସ୍ୱର୍ଗତ ପ୍ରଧାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବ୍ରାହ୍ମଣ ସନ୍ତୋଷ ହୋତା, ପ୍ରସାଦ ପଣ୍ଡା, ବାପି ପଣ୍ଡା, ସୁବାଷ ଦାଶ ପ୍ରମୁଖ ଗୀତା ଭାଗବତ ପଠନ କରିଥିଲେ। ଦେଉଳକୁର ଗ୍ରାମର ଶିକ୍ଷକ ସ୍ୱର୍ଗତ ଗୋପିନାଥ ପ୍ରଧାନଙ୍କ ଚତୁର୍ଥପୁତ୍ର ସରୋଜ ପ୍ରଧାନ ଜଣେ ସମାଜସେବୀ ଭାବରେ ପରିଚିତ ଥିଲେ। ପ୍ରତ୍ୟେକ ଦିନ ସେ ରୋଗୀମାନଙ୍କର ସେବା କାର୍ଯ୍ୟ କରି ଅତୁଳନୀୟ ଅବଦାନ କରି ଲୋକପ୍ରିୟତା ଅର୍ଜନ କରିଥିଲେ। ତାଙ୍କର ଅମର ଆତ୍ମାର ସଦଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ସମସ୍ତେ ପ୍ରାର୍ଥନା କରିଥିଲେ। ତାଙ୍କର ମୃତ୍ୟୁରେ ଏକ ଅପୁରଣୀୟ କ୍ଷତି ଘଟିଅଛି। ତାଙ୍କର ଅମର ଆତ୍ମାର ସଦଗତି ପାଇଁ ଦୁଇମିନିଟି ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ତାଙ୍କର ପୁତ୍ର ରଶ୍ମିରଂଜନ ପ୍ରଧାନ ଯୋଗ ଦେଇଥିବା ସମସ୍ତ ଅତିଥିବୃନ୍ଦଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

## ଦୁଇ କର୍କଟ ପୀଡ଼ିତ ଶିଶୁଙ୍କୁ ଆର୍ଥିକ ସହାୟତା




ଭୁବନେଶ୍ୱର (ପିଏନ୍): ସାମାଜିକ ଯୁବ ସଂଗଠନର ପଞ୍ଚମ ବାର୍ଷିକ ଉତ୍ସବ ଖଣ୍ଡଗିରି ପୁରୁଣ ବସ୍‌ଷ୍ଟାଣ୍ଡ୍‌ରେ ପାଳିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମ୍ବାଦର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନୟକ ଯୋଗଦେଇ ସମାଜ ମଙ୍ଗଳ ହୁଣ୍ଡିର ଏହି ପ୍ରକ୍ରିୟାକୁ ପ୍ରଶଂସା କରିଥିଲେ। ଦୁଇଜଣ କର୍କଟ ପୀଡ଼ିତ ଶିଶୁଙ୍କୁ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଭୁବନେଶ୍ୱର ସାଲିଆସାହି ବସ୍ତିର ୪ ବର୍ଷୀୟ ବାଳକ ରୋହନ ପ୍ରଧାନ (ଚକ୍ଷୁ କର୍କଟ ରୋଗୀ)ଙ୍କୁ ୨୩,୭୫୬ ଟଙ୍କା ଓ ପୁରୀ କଣାସ ଅଞ୍ଚଳର ସତ୍ୟନାରାୟଣ ସ୍ୱାଇଁ (ରକ୍ତ କର୍କଟ)ଙ୍କୁ ୨୪୦୯୭ ଟଙ୍କା ସମାଜ ମଙ୍ଗଳ ହୁଣ୍ଡିକୁ ପ୍ରଦନ କରାଯାଇଥିଲା। ପ୍ରତି ଭଲ କାମକୁ ଗଣମାଧ୍ୟମ ପ୍ରାଧାନ୍ୟ ଦିଅନ୍ତୁ ଏବଂ ଭଲ ବ୍ୟକ୍ତିମାନଙ୍କ ପାଇଁ ସମାଜରେ ଭଲ କାମ ହେଉଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଫଟୋ ସାମ୍ବାଦିକ ମନୋରଞ୍ଜନ ମିଶ୍ର, ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ସନ୍ତୋଷ ପଣ୍ଡା, ସମାଜସେବୀ ବିଶ୍ୱଜିତ୍ ଦାସ, ସଂଗ୍ରାମ ବଳିୟାରସିଂ ଓ ନିରଞ୍ଜନ ସାହୁ ପ୍ରମୁଖଙ୍କୁ ସାରସ୍ୱତ କୃତି ପାଇଁ ସମ୍ବର୍ଦ୍ଧନ ଜ୍ଞାପନ କରାଯାଇଥିଲା। ଏଥିସହ ଶତାଧିକ ଅସହାୟ ଗରିବଙ୍କୁ କମ୍ବଳ ବଣ୍ଟନ କରଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରର ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ, ସାମାଜିକ କର୍ମୀ ସସ୍ମିତା ଦାସ, ବାପି ମହାନ୍ତି, ଯୁବନେତା ଅମରେଶ ଜେନା, କର୍ପୋରେଟର ଅଶ୍ୱିନୀ ସୁନ୍ଦରାୟ, ସ୍ତମ୍ଭକାର ବନ୍ଦନା ହରିଚନ୍ଦନ, ଚଳଚ୍ଚିତ୍ର ପ୍ରଯୋଜକ ଶ୍ରୀଧର ମାର୍ଥା, ଅଭିନେତା ମିଟୁ ମିଥୁନ, ସ୍ମୃତି ରଞ୍ଜନ ମହାନ୍ତି, ପ୍ରଫେସର ଜ୍ଞାନେନ୍ଦ୍ର ପଲାଇ ପ୍ରମୁଖ ଯୋଗ ଦେଇଥିଲେ। ସମାଜ ମଙ୍ଗଳ ହୁଣ୍ଡିର ପ୍ରତିଷ୍ଠାତା ବାପୁ ଓଝା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସଙ୍ଗଠନର ସଭାପତି ଚିତରଞ୍ଜନ ଦାସ ପରିଚାଳନା କରିଥିଲେ।

## କଂକ୍ରିଟ୍ ରାସ୍ତା ପାଲଟିଲାଣି ମୋରମ୍ ରାସ୍ତା !

ଧର୍ମଶାଳା (ପିଏନ୍): କଂକ୍ରିଟ୍ ରାସ୍ତା ପାଲଟିଛି ମୋରମ୍ ରାସ୍ତା । ବର୍ଷା ହେଲେ ରାସ୍ତା କାଦୁଅ ହୋଇ ଯାଉଥିବା ବେଳେ ଶୁଖିଲା ପାଗରେ ଧୂଳି ଉଡୁଛି । ଫଳରେ ଏସବୁ ରାସ୍ତାରେ ଯାତାୟାତ କରିବା କଷ୍ଟକର ହେଉଛି । ଏମତି ଦୃଶ୍ୟ ଦେଖିବାକୁ ମିଳିଛି ଧର୍ମଶାଳା ବ୍ଲକର ଜାରକାସ୍ଥିତ କଳ୍ପତରୁ ଦାସ ଶିଶୁ ଉଦ୍ୟାନ ସମ୍ମୁଖ ରାସ୍ତାରେ । ପୂର୍ବର କଂକ୍ରିଟ୍ ରାସ୍ତା ଏବେ ମୋରମ୍ ରାସ୍ତାର ଭ୍ରମ ସୃଷ୍ଟି କରିଛି । ପାଇପ୍ ଯୋଗେ ପାନୀୟଜଳ ଯୋଗାଇ ଦେବାପାଇଁ



ମେଗା ପ୍ରକଳ୍ପ ଠିକାସଂସ୍ଥା ଧର୍ମଶାଳା ବ୍ଲକର ଅଧିକାଂଶ କଂକ୍ରିଟ୍ ଓ ପିଚୁ ରାସ୍ତାକୁ ଖୋଳିତାଡ଼ି ସାରିଲାଣି । ଏଥିପାଇଁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ରାସ୍ତା ନଷ୍ଟ ହୋଇ ସାରିଲାଣି । ପାଇପ୍ ବିଛାଇବା ନାଁରେ ଠିକାସଂସ୍ଥା ଯେଉଁଠି ପାରିଲା ମନଇଚ୍ଛା ରାସ୍ତା ଖୋଳି ଦେଉଛି । ପାଇପ୍ ବିଛାଇ ସାରିବା ପରେ ଖାଲରେ ମାଟି ମୋରମ୍ ପୋତି ଚାଲିଯାଉଛି । ବଳକା ରହିଯାଉଥିବା ମାଟି ମୋରମ୍ ରାସ୍ତାରେ ପଡ଼ିରହୁଛି । ଗାଡ଼ିମୋଟର ଚଳାଚଳ ପରେ ଏସବୁ ରାସ୍ତା ଉପରେ ବିଛାଇ ହୋଇଯାଉଛି । ପରେ ରାସ୍ତା ଚଳପ୍ରଚଳ ଅନୁପଯୋଗୀ ହୋଇଯାଉଛି । ମେଗା ଠିକାସଂସ୍ଥା ବିରୋଧରେ କେହି ମୁହଁ ଖୋଲୁ ନ ଥିବାରୁ କାମ ସମୟରେ ସ୍ଥାନୀୟ ସମସ୍ୟାକୁ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି । ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅଂଚଳବାସୀ ଦାବି କରିଛନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୩, ଜାନୁଆରୀ ୧୩**

# ଅଣସଂକ୍ରାମକ ରୋଗ ବୃଦ୍ଧିର ସତର୍କ ବାଣୀ ନୂଆ ଯୁଗର ନୂଆ ରୋଗକୁ ସାବଧାନ !

ଡାକ୍ତର କାନ୍ତୀ ନାୟକ

ଶରୀର ରହିଲେ ବ୍ୟାଧି ରହିବ ଏବଂ ଏଥିରେ କିଛି ନୂତନତ୍ୱ ନାହିଁ। ବ୍ୟାଧିରୁ ଦୂରେଇ ରହିବା ଏବଂ ଏହାର ନିବାରଣ କରିବା ସେଥିପାଇଁ ଗୁରୁତ୍ୱପୂର୍ଣ୍ଣ। ଜନସଂଖ୍ୟା ବୃଦ୍ଧି ସହିତ ବ୍ୟାପକ ସହରାୟନ ତଥା ଜୀବନଶୈଳୀରେ ପରିବର୍ତ୍ତନ ଫଳରେ ନୂଆ ନୂଆ ରୋଗ ସୃଷ୍ଟି ହେଉଛି ଏବଂ ରୋଗୀଙ୍କ ସଂଖ୍ୟା ବଢୁଛି। ଜଳବାୟୁ ପରିବର୍ତ୍ତନ, ଆଧୁନିକ ସମାଜର ସାମାଜିକ ଆର୍ଥିକ ଚାପ, ନିଃସଙ୍ଗତା, ବ୍ୟସ୍ତବହୁଳତା, ସୁଷମ ଖାଦ୍ୟର ଅଭାବ ସବୁ ବିକଶିତ ଓ ବିକାଶଶୀଳ ସମାଜ ପାଇଁ ନୂଆ ବ୍ୟାଧି ଏବଂ ସ୍ୱାସ୍ଥ୍ୟଗତ ଆହ୍ୱାନ ସୃଷ୍ଟି କରିଛି। ସ୍ୱାସ୍ଥ୍ୟ ଓ ଚିକିତ୍ସା ବିଜ୍ଞାନର ଉଲ୍ଲେଖନୀୟ ଅଗ୍ରଗତି ସତ୍ତ୍ୱେ ଏହି ବର୍ଗର ବ୍ୟାଧିର ଜଟିଳତା ଓ ବ୍ୟାପକତା ସବୁ ସରକାରଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ସ୍ୱାସ୍ଥ୍ୟ ବଜେଟ, ଡାକ୍ତର, ଚିକିତ୍ସା କେନ୍ଦ୍ର, ଭେଷଜ ଓ ସେବା ଆଦିର ବୃଦ୍ଧି ଘଟିଛି ସତ, ତଥାପି ଅନେକ ଦେଶ ଓ ସମାଜ ଏବେ ମଧ୍ୟ ସ୍ୱାସ୍ଥ୍ୟ ସେବା ଓ ଚିକିତ୍ସା କ୍ଷେତ୍ରରେ ପ୍ରାରମ୍ଭିକ ସ୍ତରରେ ରହିଛନ୍ତି। ଭାରତ ଓ ଓଡ଼ିଶା ମଧ୍ୟ ସେଥିରୁ ବାଦ ପଡ଼ି ନାହାନ୍ତି। ତେଣୁ ସରକାର ଲୋକଙ୍କୁ ସୁସ୍ଥ ଓ ନିରୋଗ ରଖିବାକୁ ନାନାବିଧ ରଣନୀତି ପ୍ରୟୋଗ କରୁଛନ୍ତି। ଭାରତ ତ ଏବେ ବିଶ୍ୱର ଡାଇବେଟିସ ରାଜଧାନୀରେ ପରିଣତ ହୋଇସାରିଛି।

ଏଭଳି ସ୍ଥିତିରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିକଟରେ ଯେଉଁ ରିପୋର୍ଟ ପ୍ରକାଶ କରିଛି, ତାହା ଭାରତ ଭଳି ଦେଶଙ୍କ ଚିନ୍ତା ଓ ଦାୟିତ୍ୱ ବଢ଼ାଇବା ସ୍ୱାଭାବିକ। ଏହି ରିପୋର୍ଟ ଅନୁସାରେ ୨୦୩୦ ସୁଦ୍ଧା ଅର୍ଥାତ୍ ଆଉ ପ୍ରାୟ ସାତବର୍ଷ ମଧ୍ୟରେ ବିଶ୍ୱର ପ୍ରାୟ ୫୦ କୋଟି ଲୋକ ହୃଦରୋଗ ଓ ମଧୁମେହରେ ଆକ୍ରାନ୍ତ ହୋଇସାରିଥିବେ। ୨୦୨୦ରୁ ଏହି ଅଣସଂକ୍ରାମକ ବ୍ୟାଧିଗୁଡ଼ିକର ବୃଦ୍ଧି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଆଧୁନିକ ଯୁଗର ସବୁଠୁ ବଡ଼ ମାରାତ୍ମକ ବ୍ୟାଧି ହେଲା ଉଚ୍ଚ ରକ୍ତଚାପ। ପ୍ରବଳ ମାନସିକ ଚାପ ଓ ବ୍ୟଗ୍ରତା କେବଳ ରକ୍ତଚାପ ବଢ଼ାଏ ନାହିଁ, ଏହା ମାନସିକ ଅବସାଦ, ହୃଦରୋଗ, ମଧୁମେହ, ହୃଦଘାତ, କ୍ୟାନସର ଓ ଆହୁରି ଅନେକ ରୋଗକୁ ଡ଼ାକିଆଣେ। ମଣିଷ ତ ଚିନ୍ତାମୁକ୍ତ ହୋଇ ରହିବା ସହଜ ନୁହେଁ। ତେଣୁ ଏଭଳି ଅଣସଂକ୍ରାମକ ରୋଗର ପ୍ରାଦୁର୍ଭାବ ବଢ଼ିବା ସ୍ୱାଭାବିକ। ଏହା ଜଣଙ୍କ ଠାରୁ ଅନ୍ୟଜଣଙ୍କୁ ନ ବ୍ୟାପିଲେ ମଧ୍ୟ ଆପଣା ଛାଏଁ ଚାପ ଓ ଉତ୍ତେଜନାରୁ ଲୋକଙ୍କ ମଧ୍ୟରେ ସୃଷ୍ଟି ହୁଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏହି ରିପୋର୍ଟରେ ଯଥାର୍ଥରେ କୁହାଯାଇଛି ଯେ ଶାରୀରିକ ବ୍ୟାୟାମର ଅଭାବ ଏହି ଅଣସଂକ୍ରାମକ ରୋଗବୃଦ୍ଧିର ଅନ୍ୟତମ ପ୍ରମୁଖ କାରଣ। ତେଣୁ ଲୋକଙ୍କୁ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରଖିବାକୁ ଅଧିକରୁ ଅଧିକ ଶାରୀରିକ ଶ୍ରମ, ବ୍ୟାୟାମ ଆଦି କରିବାକୁ ପଡ଼ିବ। ଏଥିପାଇଁ ଖର୍ଚ୍ଚ ପ୍ରାୟ କିଛି ପଡ଼େ ନାହିଁ କହିଲେ ଚଳେ। ଏହା କିନ୍ତୁ ଏସବୁ ବ୍ୟାଧି ପାଇଁ ସବୁଠୁ ବଡ଼ ଔଷଧ। ଅଣସଂକ୍ରାମକ ରୋଗ ବୃଦ୍ଧି ଫଳରେ ବିଭିନ୍ନ ଦେଶର ସରକାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅଧିକ ବ୍ୟୟ ବରାଦ କରିବାକୁ ବାଧ ହେବେ ଏବଂ ତା ଫଳରେ ସେମାନଙ୍କ ବିକାଶ ବାବଦ ବ୍ୟୟ ଅଟକଳ ବଢ଼ିବା ସ୍ୱାଭାବିକ। ସଂଗଠନର ହିସାବ ଅନୁସାରେ ଏହିସବୁ ବ୍ୟାଧିର ଚିକିତ୍ସା ପାଇଁ ଦେଶ ଗୁଡ଼ିକୁ ବାର୍ଷିକ ୨୨ ଟ୍ରିଲିଅନ ଟଙ୍କା ଖର୍ଚ୍ଚ କରିବାକୁ ହେବ।

ଭାରତ ଭଳି ଜନବହୁଳ ଦେଶରେ ବୟସ୍କଙ୍କ ସଂଖ୍ୟା ମଧ୍ୟ ଆନୁପାତିକ ଭାବେ ବଢୁଛି। ସେମାନଙ୍କ ସ୍ୱାସ୍ଥ୍ୟ ସେବା ପ୍ରତି ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ। ଚିନ୍ତାର ବିଷୟ ହେଲା ଯୁବ ବର୍ଗଙ୍କ ମଧ୍ୟରେ ଏବେ ମଧୁମେହ ଟାଇପ-୨, ରକ୍ତଚାପ, ହୃଦରୋଗ, କ୍ୟାନସର, ହାଇପରଟେନସନ ଆଦି ରୋଗ ଅଧିକ ଦେଖାଦେଉଛି। ଏହାର ମୂଳ କାରଣ ହେଲା ସୁଷମ ଖାଦ୍ୟ ଗ୍ରହଣରେ ଅନିୟମିତତା ଏବଂ ଶାରୀରିକ ବ୍ୟାୟାମ ଓ କସରତର ଅଭାବ। ଜୀବନ ତ ସର୍ବଦା ସଂଘର୍ଷମୟ ଏବଂ ନୂଆ ନୂଆ ଆହ୍ୱାନର ସମ୍ମୁଖୀନ ହୋଇଥାଏ। ତା ସତ୍ତ୍ୱେ ନିଜର ବ୍ୟସ୍ତ ବହୁଳ ଜୀବନରୁ ସମୟ ବାହାର କରି ନିଜକୁ ସୁସ୍ଥ ରଖିବାକୁ ଶାରୀରିକ କାର୍ଯ୍ୟ ଓ ବ୍ୟାୟାମ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ସର୍ବୋପରି ଜୀବନରେ ସଫଳତା ଓ ବିଫଳତାକୁ ସମାନ ଭାବେ ଗ୍ରହଣ କରି ମାନସିକ ଭାରସାମ୍ୟ ବଜାୟ ରଖିବାକୁ ପଡ଼ିବ। ଭାରତ ସମେତ ଅନେକ ଦେଶ ନିଜର ନାଗରିକଙ୍କ ଶାରୀରିକ କାର୍ଯ୍ୟକଳାପ ବୃଦ୍ଧି ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଭାରତରେ ପ୍ରାଚୀନ ପରମ୍ପରା ଅନୁସାରେ ଯୋଗ, ପ୍ରାଣାୟମ, ସାନ୍ଧ୍ୟ ଓ ପ୍ରାତଃ ଭ୍ରମଣ ଆଦିକୁ ପ୍ରୋତ୍ସାହିତ କରାଯାଉଛି। ଖାଦ୍ୟପେୟରେ ସଂଯମକୁ ଗୁରୁତ୍ୱ ଦିଆଯାଉଛି ଏବଂ ଏଥିପାଇଁ ସଚେତନତା ସୃଷ୍ଟି ସବୁସ୍ତରରେ ଚାଲିଛି। ଭାରତ ମଧ୍ୟ ଏକ ଶାରୀରିକ କାର୍ଯ୍ୟକ୍ରମ ନୀତି ପ୍ରଣୟନ କରିଛି। ତେବେ ବିଶ୍ୱର ଅର୍ଦ୍ଧାଧିକ ଦେଶରେ ଏଭଳି କୌଣସି ଆନୁଷ୍ଠାନିକ ବ୍ୟବସ୍ଥା ଏ ପର୍ଯ୍ୟନ୍ତ ନାହିଁ। ତଥାପି ଭାରତ ପାଇଁ ଚିନ୍ତାର ବିଷୟ ହେଉଛି, ଆମର ଅଧିକାଂଶ ଲୋକ, ବିଶେଷକରି ନଗରବାସୀ ଓ ବୟସ୍କ ଶାରୀରିକ ଶ୍ରମ ଏବଂ ବ୍ୟାୟାମ ଠାରୁ ଦୂରେଇ ରହୁଛନ୍ତି। ସରକାର ସବୁକଥା କରିପାରିବେ ନାହିଁ। ନିଜକୁ ସକ୍ଷମ ଓ ସୁସ୍ଥ ରଖିବାର ମୂଳ ଦାୟିତ୍ୱ ଜନସାଧାରଣଙ୍କର। ଜିହ୍ୱା ଲାଳସାରେ ପ୍ରଚୁର ସୁଆଦିଆ, ତେଲ ମସଲା ଓ ମିଠା ଭୋଜନ ଅତ୍ୟନ୍ତ ବିପଜ୍ଜନକ। ଏହାକୁ ହଜମ କରିବାକୁ ଶାରୀରିକ ଶ୍ରମ ଓ ପାଚନ ପ୍ରକ୍ରିୟାର ସୁସ୍ଥତା ଲୋଡ଼ା। ଏବେ ଏପରି ସମୟ ଆସିଛି, ଆମକୁ ଖାଇବା ପାଇଁ ବଞ୍ଚିବାକୁ ହେବନାହିଁ ବରଂ ସୁସ୍ଥରେ ବଞ୍ଚିବା ପାଇଁ ଭାବିଚିନ୍ତି ଖାଇବାକୁ ପଡ଼ିବ। ଆମ ଭିତରେ ଏହି ସଚେତନତା ଆସିଲେ ଏହା ଜନସ୍ୱାସ୍ଥ୍ୟ ଓ ଅର୍ଥନୈତିକ ସ୍ୱାର୍ଥ ଦୃଷ୍ଟିରୁ ବିଶେଷ ଉପଯୋଗୀ ସାବ୍ୟସ୍ତ ହେବ। କଥାରେ ଅଛି ନିଜ ସ୍ୱାସ୍ଥ୍ୟ ନିଜ ହାତରେ। ସ୍ୱାସ୍ଥ୍ୟ ହିଁ ସମ୍ପଦ, ଉଭୟ ବ୍ୟକ୍ତି ଓ ଜାତୀୟ କ୍ଷେତ୍ରରେ।

**ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍ସି, ସିଡ଼ିଏ, କଟକ**

**ଆଜିର ଅନୁଚିନ୍ତା**

''ନ ଇଦଂ ମମ'' (ଏହା ମୋର ନୁହେଁ)–ଏହି ଦିବ୍ୟଭାବନା ମହାପୁଣ୍ୟ ଫଳରେ ଉଦୟ ହୁଏ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ–ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

**E-mail: editorpbkc@gmail.com**
**9853400829 (M), Fax: 0674-2550504**



# ଚିକାଗୋ ଧର୍ମ ମହାସଭା ଓ ସ୍ୱାମି ବିବେକାନନ୍ଦନ

**ଡାଃ ସୁରେନ୍ଦ୍ର ନାଥ ଦାଶ**

The solemn charge which the parliament of religion preaches to all true belivers is return to the primitive unity of the world, may be far off but certain , We have assembled here as children of one lord

John Henery Burrow1

୧୮୯୩ ମସିହାରେ ଆମେରିକା ଯୁକ୍ତରାଷ୍ଟ୍ର ଇଲିନୋସିସ ରାଜ୍ୟର ଚିକାଗୋରେ କଲମ୍ବିଆନ Exposium ନାମରେ ଏକ ବିଶ୍ୱ ମେଳା ବା ୱାର୍ଲଡ ଫେୟାର ଅନୁଷ୍ଠିତ ହେବାକୁ ସ୍ଥିର ହେଲା । ଆମେରିକା ଆବିଷ୍କାର କରିଥିବା କଲମ୍ବସଙ୍କ ନୂତନ ପୃଥିବୀରେ ପାଦଥାପିବାର ୪୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହା କରାଯାଇଥିଲା । ଏହାକୁ ଆଗାମୀ ବିଂଶ ଶତାବ୍ଦୀର ପ୍ରଭାତୀତାରା ବୋଲି ଘୋଷଣା ହୋଇଥିଲା । ଚିକାଗୋ ଆମେରିକାର ଦ୍ୱିତୀୟ ବୃହତ୍ତମ ସହର, ମାଂସ ଓ ଗହମ ରପ୍ତାନି ପାଇଁ ଏହା ବିଶ୍ୱ ବିଖ୍ୟାତ । ମିଚିଗାନ ହ୍ରଦକୁ ଲାଗି ଚିକାଗୋ ଅବସ୍ଥିତ । ମେଳା ଚିକାଗୋ ଆର୍ଟ କଲେଜରେ ହେବାକୁ ସ୍ଥିର ହେଲା । ଏହି ମେଳାରେ କଳା, ବିଜ୍ଞାନ, ଇତିହାସ, ସ୍ଥାପତ୍ୟ, ସାହିତ୍ୟ ଭୂଗୋଳ ନିଜ ନିଜର ଗାରିମା ମେଳା ମାଧ୍ୟମରେ ପ୍ରଦର୍ଶନ କରିଥିଲେ । ଭିଭିନ୍ନ ଧର୍ମ ମଧ୍ୟରେ ଆଲୋଚନା ଓ ସହମତି ପାଇଁଏକ ବିଶେଷ କାର୍ଯ୍ୟକ୍ରମ ବିଶ୍ୱ ଧର୍ମ ସମ୍ମିଳନୀ ବା ପାର୍ଲିଆମେଣ୍ଟ କରିବାର ସ୍ଥିର କରାଗଲା ଏହାଥିଲା ମେଳାର ପ୍ରଧାନ ଆକର୍ଷଣ । ବିଶ୍ୱ ମେଳାର ଅଧ୍ୟକ୍ଷ ଚାର୍ଲସ କାରୋଲ ବୋନି ଜଣେ ପ୍ରେସ ବିଆନ ଧର୍ମାଧିକାରୀ ରେଭେରଣ୍ଡ ଜନ ହେନେରୀ ବରୋ ଙ୍କୁ ଧର୍ମ ମହାସଭାର ଅଧ୍ୟକ୍ଷ ରୂପେ ନିଯୁକ୍ତି ପ୍ରଦାନ କଲେ । ବିଶ୍ୱର ପ୍ରାୟ ୪୧ଟି ଧର୍ମ କୁ ଯୋଗ ଦେବା ପାଇଁ ସେମାନଙ୍କ ପ୍ରତିନିଧି ପଠାଇବା ପାଇଁ ଅନୁରୋଧ କରାଗଲା । ମୁସଲମାନ ଖଲିପା ତୁର୍କୀର ସୁଲତାନ ଓ କାଚନବରୀର ଆର୍କ ବିଶପ ନିମନ୍ତ୍ରଣକୁ ସ୍ୱୀକାର କରିନଥିଲେ । କୌଣସି ଲୋହିତ ଭାରତୀୟଙ୍କୁ ଡକା ହୋଇନଥିଲା । ସେପ୍ଟେମ୍ବର ୧୧ ରୁ ୨୭ ତାରିଖ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହେବାର ସ୍ଥିର ହେଲା । ଭାରତ ରୁ ଯାଇଥିବା ପ୍ରତିନିଧି ମାନେ ଥିଲେ, ବିରଚାନ୍ଦ ଗାନ୍ଧି, ଜୈନ ଧର୍ମ ପାଇଁ ,ଅଙ୍ଗାରିକା ଧର୍ମପାଳ ବୌଦ୍ଧ ଧର୍ମର, ବ୍ରାହ୍ମ ସମାଜ ପକ୍ଷରୁ ପ୍ରତାପ ଚନ୍ଦ୍ର ମଜମୁଦାର, ଥିଓସଫିକାଲ ସମାଜ ତରଫରୁ ଆନି ବେସାନ୍ତ ନିଜ ପକ୍ଷ ରଖିବାକୁ ଉପସ୍ଥିତ ଥିଲେ,। ସମୁଦାୟ ୪୧ଟି ପନ୍ଥାର ପ୍ରତିନିଧି ୧୯ ଜଣମହିଳା ମାନଙ୍କ ସମେତ ଉପସ୍ଥିତ ରହିଥିଲେ । ଇସଲାମ, ଖ୍ରୀଷ୍ଟଆନ, ବାହାଇ, ଇହୁଦୀ କନଫୟୁସିଅସ ପନ୍ଥୀମାନେ ସେମାନଙ୍କ ସହ ରହିଥିଲେ । ସେ ସମୟରେ ସନାତନ ହିନ୍ଦୁ ଧର୍ମ ବାହାରୁ ଓ ଭିତରୁ ଆକ୍ରାନ୍ତ ହୋଇ ଅତ୍ୟନ୍ତ ଦୁର୍ବଳ ନିନ୍ଦିତ ହୋଇପଡିଥାଏ । ବ୍ରାହ୍ମ ସମାଜ, ଆର୍ଯ୍ୟ ସମାଜ ତଥା ବିଦେଶୀ ମିଶନାରୀ ମାନେ ନିଜ ମତର ପ୍ରସାର ପାଇଁହିନ୍ଦୁ ଧର୍ମ କୁସଂସ୍କାର ପୂର୍ଣ୍ଣ ,ମାନ୍ଧାତା ଅମଳର ସତୀଦାହ, ଜାତି ପ୍ରଥା, ପିତୁଳାପୁଜା ଭଳି କୁତ୍ସିତ ପନ୍ଥାକୁ ଏବେବି ବି ଆଦରି ରଖିଛି ବୋଲି ତାଚ୍ଛଲ୍ୟ କରୁଥିଲେ । ଏଭଳି ସହସ୍ର ଭାଗରେ ବିଭକ୍ତ ଧର୍ମକୁ କିଏ ଡାକିବ ସେ ମହା କୁମ୍ଭ କୁ ? ସେୟାହିଁ ଅବସ୍ଥା ହୋଇଥିଲା । ସମ୍ମିଳିତ ଭାବେ କୌଣସି ପ୍ରତିନିଧି ପଠାଇବାର ବ୍ୟବସ୍ଥା ହିନ୍ଦୁ ମାନଙ୍କ ପକ୍ଷରୁ ହୋଇନଥିଲା । ସେତେବେଳକୁ ସ୍ୱାମି ବିବେକାନନ୍ଦ ନରେନ୍ଦ୍ର ନାମକ ଏକ ତରୁଣ ସନ୍ୟାସୀ ରୂପେ ଦେଶରଚାରିଆଡେ ପଦବ୍ରଜରେ ବୁଲୁଥାଆନ୍ତି ୱାଣ୍ଡରିଙ୍ଗମଙ୍କ । ଗୁରୁ ରାମକୃଷ୍ଣ ପରମହଂସଙ୍କ ମହାପ୍ରୟାଣ ପରେ ସେ ଓ ତାଙ୍କ ସାଥିମାନେ ଭବିଷ୍ୟତ ନେଇ ସନ୍ଦିହାନ ଥାଆନ୍ତି । ଏତିକିବେଳେ ଚିକାଗୋ ଧର୍ମ ମହାସଭାକୁ ହିନ୍ଦୁ ଧର୍ମ ପକ୍ଷରେ ଯୋଗ ଦେବାକୁ କେତେକ ବନ୍ଧୁ ତାଙ୍କୁ ଅନୁରୋଧ କଲେ । କୁହାଯାଏ ମାଆ ସାରଦା ଦେବି ଆଦେଶ ଦେଲେ । ସ୍ୱର୍ଗତ ଗୁରୁ ରାମକୃଷ୍ଣ ମଧ୍ୟ ତାଙ୍କୁ ସ୍ୱପ୍ନରେ ନିର୍ଦ୍ଦେଶ ଦେଲେ । ବିଦେଶ ଯିବା ପାଇଁ ତାଙ୍କୁ ଖେତ୍ରୀର ଶାସକ ଅଜିତ ସିଂ, ମହିଶୁର, ମାଡ୍ରାସର ଶାସକ ମାନେ ମଧ୍ୟ ଆର୍ଥୀକ ସହାୟତା ଯୋଗାଇ ଦେଲେ । ନରେନ୍ଦ୍ର ସ୍ୱାମି ବିବେକାନନ୍ଦ ନାମ ଧାରଣ କରି ମେ ୩୧ ୧୮୯୩ ମସିହାରେ ମାଡ୍ରାସ ଠାର ପେନିନସୁଲା ଜଳ ଜାହାଜରେ ଆମେରିକା ଯାତ୍ରା କଲେ । ହକଂ ଚାଇନାର କାଚନ ପରେ ସେ ଜାପାନ ୟାକୋହୋମାରେ ପହଞ୍ଚି ସେଠାରୁ ଦି ଏମ୍ପରେସ ଇଣ୍ଡିଆ ଜାହାଜରେ କାନାଡାର ଭାଙ୍କୋଭର ରେ ଜୁଲାଇ ୨୫ ତାରିଖ ରେ ପହଞ୍ଚିଲେ । ଭାଙ୍କୋଭର ରୁ ଟ୍ରେନ ଦ୍ୱାରା ସେ ଚିକାଗୋ ଯାତ୍ରା କଲେ । ଟ୍ରେନ ରେ ଗଲା ବେଳେ ଜଣେ ବୋଷ୍ଟନ ନିବାସୀ ମହିଳା ତାଙ୍କ ବ୍ୟକ୍ତିତ୍ୱ ପ୍ରତି ଆକୃଷ୍ଟ ହୋଇ ଆବଶ୍ୟକ ପଡିଲେ ବୋଷ୍ଟନ ଆସିବାକୁ ନିମନ୍ତ୍ରଣ କଲେ । ଜୁଲାଇ ମାସ ୩୦ତାରିଖରେ ବିବେକାନନ୍ଦ ଚିକାଗୋ ରେ ପହଞ୍ଚିଲେ । ଧର୍ମ ସଭା ଆହୁରି ଡେରି ଅଛି । ସେ ଏଠାରେ ରହି କଣ କରିବେ ? କେହି ପରିଚୟ ବ୍ୟକ୍ତି ନାହାଁନ୍ତି । କୌଣସି ସୁପାରିଶ ପତ୍ର ନଥିଲେ ମହାସଭାରେ ପ୍ରତିନିଧି ହୋଇପାରିବେ ନାହିଁ । ତେଣୁ ସେ ବୋଷ୍ଟନ ଚାଲିଗଲେ । ସେଠାରେ ଆଗରୁ ପରିଚିତ ମହିଳା ଙ୍କୁ ସାକ୍ଷାତ କଲେ । ମହିଳା ତାଙ୍କୁ ସ୍ଥାନୀୟ 'ଲୋର୍ସୋ ' ର'ସେର ହାର୍ଭାଡ ୟୁନିଭରସଲଟି ଜନ ହେନେରି ବ୍ରାଇଟଙ୍କ ସହ ପରଚିତ କରାଇଦେଲେ । ତାଙ୍କର ଅଗାଧ ପାଣ୍ଡତ୍ୟରେ ମୁଗ୍ଧ ହୋଇ ବ୍ରାଇଟ ସୁପାରିଶ କଲେ ଓ ମନ୍ତବ୍ୟ ଦେଲେ "ଆପଣ ଙ୍କୁ ସୁପାରିଶ ପତ୍ର ମାଗିବା ଯାହା, ସୂର୍ଯ୍ୟ କୁ ତାର ଉଜ୍ଜଳତା ସମ୍ବନ୍ଧରେ ସନ୍ଦେହ କରିବା ସେୟା ।'

ଚିକାଗୋ ଫେରିଲେ ବିବେକାନନ୍ଦ । ଆହୁରି ନୈରାଶ୍ୟ, ସୁପାରିଶ ପତ୍ର ଦାଖଲ କରିବାର ଶେଷ ତାରିଖ ଗତ ହେଲାଣି । ଭାଙ୍ଗି ପଡିଲେ ତରୁଣ ସନ୍ୟାସୀ । ଚାଲି ଚାଲି ମିଚିଗାନ ହ୍ରଦ କୂଳକୁ ଗଲେ । ସମୁଦ୍ର କୂଳ ରାସ୍ତାରେ ସୁନ୍ଦର ଘରଟିଏ । ବଗିଚାରେ ନାନା ଫୁଲ ଫୁଟିଚନ୍ତି । ଭାବିଲେ କେଡେ ସୁଖି ଆମେରିକା ଲୋକ ? ସବୁଆଡେ ଅତୁଳ ପ୍ରାଚୁର୍ଯ୍ୟ, ଧନଧାନ୍ୟରେ ପୁରିଚି ଦେଶ । ସୁଖ ଶାନ୍ତିରେ କାଳ କାଟୁଚନ୍ତି ଅଧିବାସୀମାନେ । ଅଥଚ ପ୍ରାଚୀନ ଗୌରବ ବହନ କରୁଥିବା ତାଙ୍କ ଜନ୍ମଭୂମି ଭାରତରେ ସବୁଥାଇ ମଧ୍ୟ ପେଟକୁ ଦାନା ନାହିଁ କୁ ପିଠିକୁ କନା ନାହିଁ । ଆଖିରୁ ଦେଶ କଥା ଭାବି ଲୁହ ବହି ଆସିଲା । ତନ୍ଦ୍ରାଛନ୍ନ ହୋଇପଡିଲେ ବବେକାନନ୍ଦ । ସେ ବସିଥିବା ପାଖ ଗେଟ ଖୋଲି ବାହାରି ଆସିଲେ ଜଣେ ମହିଳା, ମିସେସ ହେଲେ । ଗେଟ ପାଖରେ ବସିଥିବା ଗୈରିକ ବସ୍ତ୍ର ପରିଧାନ କରିଥିବା ବ୍ୟକ୍ତିଙ୍କୁ ଦେଖି ସେ ଜାଣିଲେ କିଛିଦିନ ହେଲା ସ୍ୱପ୍ନରେ ଦେଖିଥିବା ବ୍ୟକ୍ତି ସେ । ତାଙ୍କୁ ଆଦରରେ ଗୃହକୁ ନେଲେ । ରହିବାର ବ୍ୟବସ୍ଥା କଲେ । ସେବେଠାରୁ ହେଲେ ଦମ୍ପତି ସହ ତାଙ୍କ ର ସଂପର୍କ ସାରା ଜୀବନ ପାଇଁ ଗଢି ଉଠିଲା । ତାହା ହେଲା ଆମେରିକାରେ ତାଙ୍କର ଠିକଣା । ସେମାନ ଙ୍କୁ ବିବେକାନନ୍ଦ ଫାଦର, ମଦର ଓ ସିଷ୍ଟର ହେଲେ ବୋଲି ଡାକିଲେ । ମିସେସ ହେଲ ବିବେକାନନ୍ଦଙ୍କୁ ନେଇ ଧର୍ମ ସମ୍ମିଳନୀର ଚେୟାରମାନ ବାରୋଙ୍କ ପାଖକୁ ଗଲେ ଓ ତାଙ୍କର ଯୋଗଦାନ ନିଶ୍ଚିତ କଲେ ।

୧୧ ସେପ୍ଟେମ୍ବର ରୁ୨୭ ସେପ୍ଟେମ୍ବର ପର୍ଯ୍ୟନ୍ତ ସମ୍ମିଳନୀଚାଲିଲା ।୧୧ ତାରିଖ ଦିନ ବିବେକାନନ୍ଦ କହିବାକୁ ଠିଆହେଲେ । ମା ସରସ୍ୱତୀଙ୍କୁ ମନରେ ପ୍ରଣାମ ଜଣାଇଲେ । ତାଙ୍କୁ ଲାଗିଲା ତାଙ୍କ ଶରୀରରେ ଅନ୍ୟ ଜଣେ କିଏ ପ୍ରବେଶ କରି କଣ୍ଠରେ ଭାଷା ଖଞ୍ଜି ଦେଉଚି । ସେ ସ୍ୱତ କହି ଉଠିଲେ "ଆମେରିକାର ଆଦରର ଭାଇ ଭଉଣୀମାନେ ।"ଏଭଳି ପାରିବାରିକ ସମ୍ବୋଧନ ସେଠା ଦର୍ଶକ ଙ୍କୁ ଅବିଭୂତ କରିଦେଲା । ଦୁଇ ମିନିଟ ଧରି ତାଳି ଶବ୍ଦ ହେଲା । ମୁଁ ଆପଣଙ୍କୁ ପବିତ୍ର ଭାରତ ଭୂମିର ସବୁଠାରୁ ପୂରାତନ ମୁନୀ ଋଷିଙ୍କ ନାମରେ ଧନ୍ୟବାଦ ଦେଉଛି । ଯେଉଁ ଦେଶ ସଭ୍ୟତାର ଜନନୀ ତାହା ନାମରେ ଧନ୍ୟବାଦ ଦଉଚି । ଲୋକ ମାନେ ମନ୍ତ୍ର ମୁଗ୍ଧ ହୋଇ ତାଙ୍କ ଭାଷଣ ଶୁଣଲେ । ତାହା ସହ ବୁଝିଲେ ସନାତନ ଧର୍ମର ମହାନତା । ସେ ଅନେକ ଥର ସମ୍ମିଳନୀରେ ଭାଷଣ ଦେବାର ସୁଯୋଗ ପାଇଥିଲେ । ହିନ୍ଦୁ ଧର୍ମ ରସାର ବିଷୟରେ ସେ କହିଲେ, ସନାତନ ଧର୍ମ ଏକ ଝରକା ଖୋଲାଥିବା କୋଠରୀ । ସମସ୍ତ ମତ କୁ ତାହାର ଝରକା ବାଟେ ସ୍ୱାଗତ କରେ । ପ୍ରାଚିନ ଜଗତବର ବାହାଇ ,ଜୋରାଷ୍ଟ୍ରିଆନ ଇହୁଦୀ ମାନଙ୍କୁ ଅତ୍ୟାଚାରରୁ ରକ୍ଷା କରି ଆଶ୍ରୟ ଦେଇଛି । ହାରମୋନି ନଟ ଡିସେଣ୍ଟ ଆଜର ଧର୍ମ ପାଇଁ ଏକ ମାତ୍ର ପଥ । ବିଭିନ୍ନ ଧର୍ମ ମଧ୍ୟରେ ସମନ୍ୱୟ ଦରକାର । ସମସ୍ତ ନଦୀ ସାଗର ରେ ମିଶି ଯାଆନ୍ତି । ସମସ୍ତ ରାସ୍ତା ରୋମ କୁ ପଡିଚି । ସମସ୍ତ ପନ୍ଥାରେ ଇଶ୍ୱର ପ୍ରାପ୍ତି ହେବ । ସୂର୍ଯ୍ୟ କିରଣ ଧଳା ହଲେ ମଧ୍ୟ ପ୍ରିଜମ ମାଧ୍ୟମରେ ବିଭିନ୍ନ ରଙ୍ଗ ଧାରଣ କରେ । ସେହିପରି ଏକ ଧର୍ମ କୁ ଆମେ ନାନା ରଙ୍ଗ ଦେଇଚୁ । ବୌଦ୍ଧ ଧର୍ମ କୁ ହିନ୍ଦୁ ଧର୍ମର ପୂର୍ଣ୍ଣତା ଅବସ୍ଥା ବୋଲି ସେ ଅନ୍ୟ ଏକ ଭାଷଣ ରେ କହିଥିଲେ । ଯୀଶୁଙ୍କ ବହୁ ଆଗରୁ ବୁଦ୍ଧ ପ୍ରେମ, ସତ୍ୟ ଓ ଅହିଂସାର ବାର୍ତ୍ତା ଦେଇଛନ୍ତି । ରେଲିଜିଅନ ଇଜ ନଟ ଦି କ୍ରାଇଙ୍ଗ ନିଡ ଅଫ ଇଣ୍ଡିଆ ଜରକ୍ଷସଶସକ୍କଭ ସଷ୍ଣ ଭକ୍ଟଷ ବ ମକ୍କଛ-ସଭଶ ଭରରୟ କ୍ଟଲ ଓଭୟସବ ଭାରତର କୋଟି କୋଟି ଲୋକ ଖାଦ୍ୟ ବସ୍ତ୍ର ଔଷଧ ଆବଶ୍ୟକ କରନ୍ତି । ତାହାହିଁ ଦିଅନ୍ତୁ । ମିସନାରୀ ପଠାଇ ପ୍ରଲୋଭିତ କରି ଧର୍ମାନ୍ତିକରଣ କରନ୍ତୁ ନାହିଁ ।

ସେ କୁପ ମଣ୍ଡୁକ ଉପାଖ୍ୟାନ ପ-ତନ୍ତ୍ର ରୁ ଉଦ୍ଧାର କରି କହିଥିଲେ । ଆମେ ସମସ୍ତେ ନିଜ ନିଜର ଧର୍ମ ରୂପି କୂପରେ ରହି ତାହାକୁ ବିଶାଳ ସାଗର ବୋଲି ଭାବୁଚେ । କୂପ ବାହାରେ ଯେ ପ୍ରକୃତ ବିଶାଳ ସାଗର ରହିଚି, ତାହା ବିଶ୍ୱାସ କରିବାକୁ ପ୍ରସ୍ତୁତ ନୁହଁ କେହି । ବିବେକାନନ୍ଦ ଙ୍କ ଭାଷଣ ଆମେରିକା ତଥା ବିଶ୍ୱର ଅନ୍ୟ ସମ୍ବାଦ ପତ୍ରରେ ପ୍ରକାଶ ପାଇଲା । ହିନ୍ଦୁ ସନାତନ ଧର୍ମର ଏକ ନୂତନ ଦିଗନ୍ତ ପରିଚୟ ଆରମ୍ଭ ମେଲା । ନିଦେଶରେ ସହଶହ ବେଦାନ୍ତ ଆଶ୍ରମ ମାନ ଗଢି ଉଠିଲା । ଭାରତର ଗୈରିକ ବସ୍ତ୍ରଧାରୀ ଏହି ସନ୍ୟାସୀ ପାଶ୍ଚାତ୍ୟ ଜଗତରେ ଝଡ ଭଳି ବହିଗଲେ । ସମସ୍ତେ ଆଖି ଫେରାଇ ପୂର୍ବ କୁ ଚାହିଁଲେ । ଏଭଳି ମହାନ ସଂସ୍କୃତି ସଂପନ୍ନ ମାଟିକୁ ଆମେ ସେମାନଙ୍କୁ ଶିକ୍ଷିତ କରିବାକୁ ମିସନାରୀ ପଟାଉଚୁ, ତାହା ଆମପାଇଁ ଲଜ୍ଜାର କଥା । ସେବେଠାରୁ ବିବେକାନନ୍ଦ ହେଲେ ବିଶ୍ୱ ବିଜୟୀ, ଭାରତ ଓ ସନାତନ ହିନ୍ଦୁ ଧର୍ମର ପରିଚୟ । ଶଙ୍କରାଚାର୍ଯ୍ୟ ଙ୍କପରେ ସେହିଁ ହିନ୍ଦୁ ଧର୍ମକୁ ରକ୍ଷା କଲେ । ଆଜି ଆମେରିକାର ଉପ ରାଷ୍ଟ୍ରପତି ଓ ବ୍ରିଟେନର ପ୍ରଧାନମନ୍ତ୍ରୀ ଭାରତୀୟ । ଭାରତୀୟ ମାନଙ୍କ ପ୍ରତି ସମ୍ମାନବୋଧ ଯାହାର ଭିତ୍ତି ପ୍ରସ୍ତର ସେଦିନ ବିବେକାନନ୍ଦ ଚିକାଗୋ ଧର୍ମସଭାରେ ପକାଇଥରଲେ, ତାହା ଯୋଗୁ ଏହା ହିଁ ସମ୍ଭବ ହୋଇଚି । ତାଙ୍କ ଜାନୁଆରୀ ଓ ୧୨କୁ ଜାତୀୟ ଯୁବ ଦିବସ ରୂପେ ପାଳନ କରି ତାଙ୍କ ସ୍ମୃତି ପ୍ରତି ଆମେ ଶ୍ରଦ୍ଧାଞ୍ଜଳି ଜଣାଉଚୁ ।

**ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ: ୯୪୩୭୨୩୫୩୮୬**

# ଭାରତମାତା ଓ ଭାରତୀୟତା

**ଗୋପାଳ ମହାପାତ୍ର**

ଭାରତୀୟକୁ ନେଇ ଏବେ ଦେଶରେ ବ୍ୟାପକ ଚର୍ଚ୍ଚା ଚାଲିଛି। ବିଭିନ୍ନ ରାଜନୈତିକ ଦଳ ଏହାର ଭିନ୍ନଭିନ୍ନ ଅର୍ଥ ମଧ୍ୟ ବାହାର କରୁଛନ୍ତି। ଭାରତର ବିବିଧତା ମଧ୍ୟରେ ଏକତା ହେଉଛି ଏହାର ସୁନ୍ଦରତା। ଏକଥାକୁ ଅନେକେ ଏବେ ଭୁଲିଯିବାକୁ ବସିଲେଣି। ଏଠି ରାମକୁ ବି ସମାଲୋଚନା କରାଯାଉଛି ଏବଂ ରାବଣ ପୋଡି ମଧ୍ୟ ହେଉଛି। ଯେଉଁମାନେ ଭାରତୀୟତା କଥା କହୁଛନ୍ତି ସେମାନେ ଜାଣି ରଖିବା ଉଚିତ୍ ଯେ ଗୋଟିଏ କଥାକୁ ନେଇ ନୁହେଁ, ଭିନ୍ନତା ରହିଛି। ଏକ ରୂପ ନୁହେଁକି ଏକ ରଙ୍ଗ ମଧ୍ୟ ନୁହେଁ। ପଣ୍ଡିତ ନେହେରୁଙ୍କ ଭାଷାରେ ସେ ସବୁ ମୂଳ ଅବଶେଷତତ୍ତ୍ୱ ଯେଉଁଥିରେ ସବୁ ସମୂହଙ୍କ ଠାରୁ କିଛି କିଛି ନିଆଯାଇଛି, ସମାହିତ କରାଯାଇ ଲୋକ ରଙ୍ଗରେ ମିଶାଯାଇଛି ଏବଂ ନିତି ନୂଆ ଶିକ୍ଷା, ଅଭ୍ୟାସକୁ ଗ୍ରହଣ କରାଯାଇଛି। ଏହା ହେଉଛି ଭାରତର ସୁନ୍ଦରତା। ଭାରତମାତା କେବେ କେନ୍ଦ୍ରୀକୃତ ହୋଇପାରେ ନାହିଁ। ଭାରତ ମାତା ଗାଁ, ଚଉପାଠୀ, ସହର ଓ ବସ୍ତି ସବୁଠି ରହିଛି। ପଣ୍ଡିତ ନେହେରୁ ତାଙ୍କ ପୁସ୍ତକରେ ଅନେକ କଥା ବର୍ଣ୍ଣନା କରିଛନ୍ତି। ସ୍ୱାଧୀନତା ସଂଗ୍ରାମୀ ମାନେ ଜେଲ୍‌ରେ ଥିବାବେଳେ ଜେଲ୍ କାନ୍ଥରେ କେମିତି ବେଡିପଡ଼ିଥିବା ଦେବୀଙ୍କ ଚିତ୍ର ଆଙ୍କୁଥିଲେ ସେ କଥା ବର୍ଣ୍ଣନା କରିଛନ୍ତି। ସହଜ ଭାଷାରେ ପଚରା ଯାଇପାରେ ଗାଁ - ଗାଁରେ ଥିବା ଭାରତ ମାତା କିଏ ? କାହାର ଜୟଗାନ ପାଇଁ ମନ ଉତ୍‌ଫୁଲ୍ଲିତ ହୋଇଉଠେ ? କ'ଣ ଭାରତର ଭୂଗୋଳ ବା ପ୍ରକୃତି ହିଁ ଭାରତମାତା ? ଝରଣା, ହ୍ରଦ, ନଦୀ, ପାହାଡ, ଜମି, ଜଙ୍ଗଲ ନା କିଏ ? ପ୍ରକୃତ ପକ୍ଷେ ଭାରତମାତା ଭାରତର ୧୩୫ କୋଟି ଜନତା। ଭାରତମାତା ହେଉଛନ୍ତି ଭାରତର ପ୍ରକୃତି ଓ ଭାରତର ଲୋକେ।

ଭାରତମାତାଙ୍କର ବିଭିନ୍ନ ରୂପ ରହିଛି। ଦକ୍ଷିଣ ଭାରତର ରାଜ୍ୟ କେରଳରେ ଅସୁର ରାଜା ବାଳୀ ପାଇଁ ଓଣମ୍ ଉତ୍ସବ ପାଳନ କରାଯାଇଥାଏ। କେରଳର ସବୁ ବର୍ଗର ଓ ସବୁ ଧର୍ମର ଲୋକେ ଏହି ଉତ୍ସବକୁ ପାଳନ କରିଥାନ୍ତି। ଏହି କେରଳରୁ ଆଦି ଶଙ୍କର ନିର୍ଗୁଣ – ନିରାକାରର ସନ୍ଦେଶ ନେଇ ଭାରତର ୪ କୋଣରେ ପହଞ୍ଚିଥିଲେ। ତେବେ ଭାରତମାତା କିଏ ? ଭାରତମାତା କି ଜୟର ଅର୍ଥ ହେଉଛି – ଦୀପାବଳୀ, ଇଦ୍, ହୋଲି, ଖ୍ରୀଷ୍ଟମାସ ଓ ନାନକ, ବୁଦ୍ଧ, କବୀରଙ୍କର ଜୟ। ଭାରତମାତା କି ଜୟର ଅର୍ଥ ହେଉଛି ନମସ୍କାର, ଆଦାବ, ସଶ୍ରୀ ଅକାଲ, କୁରଞ୍ଜଲି (ମଣିପୁରୀ ଅଭିବାଦନ)ର ଜୟ। କୃଷକ, କମାର, ବୁଣାକାର, ବଢ଼େଇ, ମିସ୍ତ୍ରୀ, ଇଞ୍ଜିନିୟର, ସଫ୍ଟୱେୟର ବିଶେଷଜ୍ଞ, ଡାକ୍ତର, ବୈଜ୍ଞାନିକ, ସ୍ତ୍ରୀ-ପୁରୁଷ ସମସ୍ତଙ୍କର ଜୟ। ପ୍ରଥମେ ଅବନୀନ୍ଦ୍ରନାଥ ଠାକୁର ଭାରତ ମାତାର ଚିତ୍ର କରିଥିଲେ। ତତକ୍‌ାଳୀନ ଅବିଭକ୍ତ ବଙ୍ଗଳାର ଅବସ୍ଥା ଏହି ଚିତ୍ରରେ ପ୍ରତିଫଳିତ ହୋଇଥିଲା। ଭାରତ ମାତାଙ୍କ ଗୋଟିଏ ହାତରେ ଧାନ ଓ ଅନ୍ୟ ହାତରେ ବସ୍ତ୍ର, ଏହା କୃଷକ ଓ ଶ୍ରମିକଙ୍କ ପ୍ରତୀକ ଅଟେ। ତୃତୀୟ ହାତରେ ପୁସ୍ତକ ଅର୍ଥାତ୍ ଜ୍ଞାନ ଏବଂ ଚତୁର୍ଥ ହାତରେ ମାଳା ଅର୍ଥାତ୍ ପ୍ରଜ୍ଞାର ପ୍ରତୀକ ଅଟେ।

ଇଂରେଜ ଶାସନର ଅବବ୍ୟବସ୍ଥା ପ୍ରଥମେ ହିଁ ବଙ୍ଗଳାକୁ ଭୋଗିବାକୁ ପଡ଼ିଥିଲା। ୧୭୬୪ ମସିହାରେ ବକ୍ସର ଯୁଦ୍ଧରେ ବିଜୟ ପରେ ଇଷ୍ଟ ଇଣ୍ଡିଆ କମ୍ପାନୀ (ଇଂରେଜମାନଙ୍କୁ) ହାତକୁ ବଙ୍ଗଳାର ଶାସନ ଦାୟୀତ୍ୱ ଆସିଥିଲା। ଇଂରେଜ ଶାସନର ଭୂ-ରାଜସ୍ୱ ବ୍ୟବସ୍ଥା କାରଣରୁ ବଙ୍ଗଳାର କୃଷକମାନ ନିଜର ଭୂମିରେ କ୍ଷେତ-ମଜଦୁର ହେବାକୁ ପଡ଼ିଥିଲା। ବ୍ୟବସାୟରେ ଇଂରେଜଙ୍କ ସମର୍ଥୀତ ବ୍ୟବସାୟୀମାନଙ୍କୁ ରିହାତି ମିଳୁଥିଲା। କିନ୍ତୁ ଟିକସ ଦେବାକୁ ପଡୁଥିବାରୁ ସ୍ଥାନୀୟ ବ୍ୟବସାୟୀମାନଙ୍କୁ ଜିନିଷର ମୂଲ୍ୟ ବଢିବା କାରଣରୁ ସ୍ଥାନୀୟ ବ୍ୟବସାୟମାନଙ୍କ ବ୍ୟବସାୟ ଡୁବିଯିବାକୁ ଲାଗିଲା। ଢାକାର କପଡ଼ା (ବସ୍ତ୍ର) ଉଚ୍ଚମାନର ଥିଲା ଓ ବିଦେଶରେ ଏହାର ଚାହିଦା ମଧ୍ୟ ଥିଲା କିନ୍ତୁ ଇଂଲଣ୍ଡରେ ୩ ହଜାର ଗୁଣ ସୀମା ଶୁଳକ ଲଗାଯିବାରୁ ଏହାର ରପ୍ତାନୀ କମିଗଲା। ଭାରତ କେବଳ କଞ୍ଚାମାଲର ଗୋଦାମ ହୋଇ ରହିଗଲା। ଏଣୁ ଭାରତ ମାତାଙ୍କ ହାତରେ ଥିବା ଧାନ ଓ ବସ୍ତ୍ର ଭୂମିହୀନ କୃଷକ ଏବଂ ରୋଜଗାର ହରେଇଥିବା ବୁଣାକାର ମାନଙ୍କର ପ୍ରତୀକ ଥିଲା। ଏହା ସତ୍ତ୍ୱେ ଭାରତ ମାତାଙ୍କ ଛବିରେ ଆଶାର ଝଲକ ଥିଲା। ସେ ସମୟରେ ପ୍ରଥମେ ବଙ୍ଗଳାର ଲୋକଙ୍କ ଭିତରେ ଚେତନା ଜାଗ୍ରତ ହୋଇଥିଲା। ପୁସ୍ତକ ଏବଂ ମାଳା ସେଇ ସୁପ୍ତ ଚେତନାର ଆହ୍ୱାନ ବୋଲି କୁହାଯାଇପାରେ।

ଅବନୀନ୍ଦ୍ରନାଥ ଠାକୁରଙ୍କ ଭାରତମାତା ଚିତ୍ର ପରେ ଭାରତ ମାତାଙ୍କର ଅନେକ ଚିତ୍ର ଚିତ୍ରକାର ମାନେ ଆଙ୍କିଛନ୍ତି। ବିଗତ ୭ ଦଶନ୍ଧି ବା ତା'ଠାରୁ ଅଧିକ ସମୟ ହେବ ଭାରତ ମାତାଙ୍କର ସିଂହବାହିନୀ ଏବଂ ଗୋଲାପି ରଙ୍ଗର ପତାକା ଧରିଥିବା ଚିତ୍ର ଦେଖିବାକୁ ମିଳୁଛି। କିନ୍ତୁ ଭାରତମାତାଙ୍କ ଚେହେରାରେ ମମତା ଏବଂ ସୌମ୍ୟତା ଦେଖାଯାଉନାହିଁ। ମାତୃତ୍ୱବାଦୀ ପ୍ରସ୍ତୁତି ଏବେକାର ରାଜନେତା ମାନଙ୍କର ପସନ୍ଦ ନୁହେଁ ସେମାନେ ଏହାକୁ ଦୁର୍ବଳତା ବୋଲି ବୋଧହୁଏ ଭାବୁଛନ୍ତି। ଏବେକାର ରାଜନେତାଙ୍କର ସ୍ୱପ୍ନରଭାରତ ମଧ୍ୟ ଭିନ୍ନ। ଏମାନଙ୍କ ସ୍ୱପ୍ନର ଭାରତରେ ସମ୍ପନ୍ନ ବର୍ଗଙ୍କର ପ୍ରଭୁତ୍ୱ ଅଧିକ ହେବା ଏମାନେ ଚାହାଁନ୍ତି। ଭୟ, କ୍ରୋଧ ଏବଂ ଘୃଣା ଏମାନଙ୍କ ମଧ୍ୟରେ ଭରିରହିଛି। କେନ୍ଦ୍ରୀକୃତ ଶାସନ ଶକ୍ତି ପୁଞ୍ଜି ଏବଂ ସାମାଜିକ ସ୍ତରରେ ପ୍ରଭୁତ୍ୱ ଜାହିର କରିପାରୁଥିବା ଲୋକଙ୍କ ମେଣ୍ଟ। କିନ୍ତୁ ଶାସକ ବୁଝିବା ଉଚିତ୍ ଯେ ଦେଶ କ୍ଷମତାରେ ନୁହେଁ ସମତା ଏବଂ ମମତାରେ ଚାଲିବା ଆବଶ୍ୟକ।

ଭାରତର ପ୍ରସିଦ୍ଧି ଚିତ୍ରକର ମକବୁଲ ଫିଦା ମଧ୍ୟ ଭାରତ ମାତାଙ୍କର ଏକ ଚିତ୍ର ଆଙ୍କିଥିଲେ କିନ୍ତୁ ଏହି ଚିତ୍ର ବିବାଦୀୟ ହୋଇଥିଲା। ଚିତ୍ରରେ ଗୌତମ ବୁଦ୍ଧ, ଗାନ୍ଧୀ ଏବଂ ଧର୍ମଚକ୍ର ଦେଖିବାକୁ ମିଳିଥିଲା। ଭାରତ ମାତା ଉନ୍ମୁକ୍ତ ଦେଖାଯାଉଥିଲେ। ଭାରତ ମାତାଙ୍କ ଉନ୍ମୁକ୍ତି ବର୍ଚସ୍ୱବାଦୀ ମାନଙ୍କର ମନକୁ ଆସିଲା ନାହିଁ। ଉନ୍ମୁକ୍ତ ଚେତନା ଏମାନଙ୍କର ପସନ୍ଦ ନୁହେଁ। ଆଜିର ଶାସକ ଭାରତ ମାତାଙ୍କୁ ନିଜ ପାଇଁ ସଂଶୋଧନ ଏବଂ ସମ୍ପତ୍ତି ବୋଲି ଭାବନ୍ତି। ପ୍ରକୃତି ସେମାନଙ୍କ ଦୋହନ ପାଇଁ। ଶକ୍ତିଶାଳୀ ବର୍ଗ ଶାସନ ସଂଚାଳନ ପାଇଁ, ଏଣୁ ସାଧାରଣ ଲୋକେ ଅଜାଣତରେ ବେଡିରେ ବାନ୍ଧି ହୋଇ ରହିଛନ୍ତି। ଏମାନଙ୍କର ଆଖିରେ ମଧପଟି ଚଢାଯାଇଛି ଓ ଏମାନଙ୍କର ପ୍ରଜ୍ଞା ଅଚେତ୍ ରହିଛି। ଏହା ଏକ ପ୍ରକାରର ଔପନିବେଶୀକରଣ ବୋଲି କହିବାକୁ ହେବ। ଶାସକ ଏହି ଅଚେତ୍ ଅବସ୍ଥାକୁ ମୁଖ୍ୟଧାରାକୁ ଆଣିବାକୁ ଚାହାନ୍ତି, ଅର୍ଥାତ୍ ବିଭିନ୍ନତାକୁ ତ୍ୟାଗକରି ସେମାନେ କହୁଥିବା ମୁଖ୍ୟକୁ ସ୍ୱୀକାର କରିବା, କିନ୍ତୁ ଭାରତରେ ମୁଖ୍ୟଧାରା କ'ଣ ? ଆମର ସଂସ୍କୃତିକୁ ଗଙ୍ଗା-ଯମୁନା ସଂସ୍କୃତି ବୋଲି କୁହାଯାଏ। କାହିଁକି କୁହାଯାଏ ? ଦେଶରେ ଅନେକ ନଦୀ ଅଛନ୍ତି। ଯମୁନା ନଦୀ ପ୍ରୟାଗରାଜ (ଏଲାହାବାଦ)ଠାରେ ଗଙ୍ଗାନଦୀରେ ମିଶିଛି। ଗଙ୍ଗା ଭାଗିରଥି ଏବଂ ଅଳକାନନ୍ଦାର ସଙ୍ଗମ (ମିଶ୍ରଣ)ରୁ ସୃଷ୍ଟି। କିନ୍ତୁ ତା ପୂର୍ବରୁ ଭାଗିରଥିରେ ବିଲାଙ୍ଗନା ମିଶିଛି। ଅଳକାନନ୍ଦାରେ ମନ୍ଦାକିନୀ ଏବଂ ଅନେକ ନଦୀ ମିଶିଛନ୍ତି। ଏଣୁ କହିବା କଠିନ ଯେ ମୁଖ୍ୟ ଧାରାକିଏ ? କୌଣସି ଏକ ଧାରା ଶୁଖିଗଲେ ଗଙ୍ଗା ଅବିରଳ ରହିପାରିବ ନାହିଁ। ଏଣୁ ସବୁଧାରା ମୁଖ୍ୟ।

ଏଣୁ ଭାରତର ସବୁଗୋଷ୍ଠୀର ଧାରା ଏବଂ ସେମାନଙ୍କ ବଂଶଜ ହେଉଛନ୍ତି ମୁଖ୍ୟ। ହୁଏତ କୌଣସି ଗୋଷ୍ଠୀ ୬୫ ହଜାର ବର୍ଷ ପୂର୍ବରୁ ଆଫ୍ରିକାରୁ ଆସିଥିଲେ, ଆଉବି କେହି ୩ ହଜାରରୁ ୭ ହଜାର ବର୍ଷ ପୂର୍ବେ ଇରାନରୁ ଆସିଥିଲେ ଅଥବା ୨ ହଜାର ବର୍ଷ ପୂର୍ବେ ଦକ୍ଷିଣ-ପୂର୍ବ ତଥା ମଧ୍ୟ ଏସିଆରୁ ଆସିଥିଲେ। ଏମାନେ ସମସ୍ତେ ଭାରତୀୟ ଓ ମୁଖ୍ୟ ଅଟନ୍ତି। ଖାସି, ଗାରୋ ହେଉ / ଦ୍ରାବିଡ ଏମାନଙ୍କ ଭାଷା ମଧ୍ୟ ରାଷ୍ଟ୍ରୀୟ ଅଟେ। ଏମାନଙ୍କ ଜୀବନ ଶୈଳୀ ମଧ୍ୟ ମୁଖ୍ୟ। ଏଣୁ ଭାରତମାତା କେବେ କେନ୍ଦ୍ରୀକୃତ ହୋଇନପାରେ। ଭାରତୀୟ ଧାରା ଚରୈବେତି - ଚରୈବେତି ଚଳିବ୍ୟାମଃ ନିରନ୍ତରରେ ପରିଭାଷିତ ହୋଇଥାଏ। ଏହା ବହିଥାଏ କିନ୍ତୁ ଉଚ୍ଛୁଳି ନଥାଏ, ନିରନ୍ତର ବହିଥାଏ, ଅଟକି ନଥାଏ। ଏଣୁ ଭାରତୀୟତାର ମୂଲ୍ୟାଙ୍କନ ଯିଏ ଯାହା କରୁନା କାହିଁକି ଏହାର କୌଣସି ଶବ୍ଦ - ସୀମାନାହିଁ। ଏହା ହଜାର ହଜାର ବର୍ଷର ଅନୁଭବର କଥା। ଯାହା ବିବେକର ପେଟି ଭିତରେ ସଞ୍ଚିତ ହୋଇ ରହିବାର ଅମୂଲ୍ୟ କଥା।

*ରାମଚନ୍ଦ୍ରପୁର, ରଣପୁର*
*ମୋ- ୯୪୩୮୪୮୫୦୯୪*




# ହକି ବିଶ୍ୱକପ-୨୦୨୩ର ଉଦ୍‌ଘାଟନୀ ଉତ୍ସବର ଫଟୋ ଝଲକ









# ପ୍ରତିଷ୍ଠା ଦିବସ ପାଳନ ସହ ଶକ୍ତି ପ୍ରଦର୍ଶନ କଲେ ପ୍ରତାପ



**ମାହାଙ୍ଗାରେ ବିଜୁ ଜନତା ଦଳର ଓଡିଶା ସେବାରେ ୨୫ବର୍ଷ ପୂର୍ତ୍ତି ଉତ୍ସବ ପ୍ରତିଷ୍ଠା ଉତ୍ସବ ପାଳିତ ; ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ବିଜୁ ବାବୁଙ୍କ ସହ ଅନୁଭୂତି ବଖାଣିଲେ ବିଧାୟକ**




**ମାହାଙ୍ଗା :** ମାହାଙ୍ଗା ବ୍ଲକ ଜବାହାରଲାଲ ନେହେରୁ ମହାବିଦ୍ୟାଳୟ କୁଆଁପାଳ ବଣୁଆ ପଡିଆ ପରିସରରେ ବିଜୁ ଜନତା ଦଳର ଓଡିଶା ସେବାରେ ୨୫ ବର୍ଷ ପୂର୍ତ୍ତି ୨୬ତମ ପ୍ରତିଷ୍ଠା ଉତ୍ସବ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅଂଚଳବାସୀ ବିଜୁ ଜନତା ଦଳ କର୍ମୀମାନଙ୍କ ଙ୍କ ସମାଗମରେ ମହାସମାରୋହରେ ପାଳିତ ହୋଇଯାଇଛି । ଆଉ ଏହି ବିଶାଳ ସମାବେଶ ମାଧ୍ୟମରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଶ୍ରୀ ପ୍ରତାପ ଜେନା ତାଙ୍କର ଶକ୍ତି ପ୍ରଦର୍ଶନ କରିଥିଲେ । ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ, ପୂର୍ବତନ ସାଂସଦ ପ୍ରସନ୍ନ କୁମାର ପାଟଶାଣୀ, ପୂର୍ବତନ ବିଧାୟକ ତଥା କଟକ ଜିଲ୍ଲା ବିଜୁ ଜନତା ଦଳ ସଭାପତି ଦେବାଶିଷ ସାମନ୍ତରାୟ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗଦାନ କରି ବିଜେଡି ଦଳ ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ବାବୁଙ୍କ ଅଧୁରା ସ୍ୱପ୍ନକୁ ସାକାର କରିପାରିଛନ୍ତି ଯାହାପାଇଁ ଆଜି ସାଢେ ଚାରି କୋଟି ଓଡିଆଙ୍କ ପ୍ରିୟ ମୁଖ୍ୟମନ୍ତ୍ରୀ ଭାବେ ପ୍ରିୟଭାଜନ ହୋଇପାରିଛନ୍ତି ବୋଲି ପ୍ରକାଶ କରିଥିଲେ । ଏପରିକି ବିଜୁ ବାବୁଙ୍କ ପରି ଜନନାୟକ ଙ୍କ ଚିନ୍ତାଧାରା ଯାହାଥିଲା କେବଳ ଲୋକଙ୍କ ସେବା ତାହା ଆଜି ପୂରଣ ହୋଇପାରିଛି, ଯାହାପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର କଥାରେ ନୁହେଁ ବରଂ କାମରେ ବିଶ୍ୱାସ କରିଆସୁଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଦୀପା ମଲ୍ଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ବିଧାୟକ ଶ୍ରୀ ଜେନାଙ୍କ ବ୍ୟକ୍ତିଗତ ସଚିବ ଉମାଶଙ୍କର ବିଶ୍ୱାଳ, ଜିଲ୍ଲାପରିଷଦ, ସରପଂଚ, ସମିତିସଭ୍ୟ, ବିଜୁ ଜନତା ଦଳ ବ୍ଲକ ସଭାପତି, ସମ୍ପାଦକଙ୍କ ସମେତ ବହୁ ବିଜୁ ଜନତା ଦଳ କର୍ମୀମାନେ ଯୋଗଦାନ କରିଥିଲେ ।

# ଓଡିଶା କୃଷି ଶିଳ୍ପ ନିଗମ ତରଫରୁ ଚାରିଦିନିଆ ପ୍ରଶିକ୍ଷଣ ଶିବିର





**ଭୁବନେଶ୍ୱର :** କୃଷି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଓ ମରାମତି ସମ୍ପର୍କରେ ତାଲିମ ଯୁବକ ମାନଙ୍କୁ ତାଲିମ ଦେବାପାଇଁ ଓଡିଶା କୃଷି ଶିଳ୍ପ ନିଗମ ତରଫରୁ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା । ସେଥିରେ ସୁଦୂର ମାଲକାନଗିରି ଓ କୋରାପୁଟରୁ ଯୁବକମାନେ ଆସି ପ୍ରଶିକ୍ଷଣ ନେଇଥିଲେ । ଏହି ବାରଦିନିଆ ପ୍ରଶିକ୍ଷଣ ଶିବିରରେ ଟ୍ରାକ୍ଟର , ପାୱାରଟିଲର , ପମ୍ପ ଓ ଅନ୍ୟାନ୍ୟ କୃଷି ଯନ୍ତ୍ରପାତିର ମରାମତି ଓ ରକ୍ଷଣା ବେକ୍ଷଣାର ପ୍ରଶିକ୍ଷଣ ଦିଆଯାଇଥିଲା ଯୁବକ ମାନେ OFMRDC ଛାତ୍ରାବାସରେ ରହି ପ୍ରଶିକ୍ଷଣ ଲାଭ କରିଥିଲେ ।

ଗତ ୨ ଜାନୁଆରୀରେ ସେମାନଙ୍କର ବିଦାୟୀ ସଭାର ଆୟୋଜନ କରା ଯାଇଥିଲା । ଏଥିରେ ନିଗମର ଉପାଧ୍ୟକ୍ଷ ଡଃ. ସନ୍ତୋଷ କୁମାର ବେଜ ପୌରହିତ୍ୟ କରିଥିଲେ । ଡି.ଜି.ଏମ ( ଯାନ୍ତ୍ରିକ) ଡଃ. ଆଲୋକ ଅଧିକାରୀ, ଉପାଧ୍ୟକ୍ଷଙ୍କ ସହ ଡେଭେଲପମେଣ୍ଟ ଇଞ୍ଜିନିୟର ଶ୍ରୀ ବ୍ରଜ କିଶୋର ହୋତା, ନିର୍ବାହୀ ଯନ୍ତ୍ରୀ, ଓ.ଏଫ. ଏମ. ଆର. ଡି.ସି ଓ ଡି.ଜି.ଏମ ( ଇ ଓ ଆଇ) ଲଲିତ ମୋହନ ଜେନାଙ୍କୁ ସ୍ୱାଗତ କରିଥିଲେ । ଯୁବକମାନେ କିପରି ନିଜେ ସ୍ୱାବଲମ୍ବୀ ହୋଇପାରିବେ ଏବଂ ନିଜ ଅଞ୍ଚଳରେ କୃଷକ ମାନଙ୍କୁ ସାହାଯ୍ୟ କରିବେ ସେ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ପରିଶେଷରେ ଉପାଧ୍ୟକ୍ଷ ତାଙ୍କର ବକ୍ତବ୍ୟ ରଖିବାସହ ସାର୍ଟିଫିକେଟ ଓ ଟୁଲ କୀଟ ପ୍ରଦାନ କରିଥିଲେ । ଶେଷ ଦିନ ନିର୍ଦ୍ଦେଶକଙ୍କ କହିବା ମୁତାବକ ଯୁବକ ମାନଙ୍କର ନନ୍ଦନ କାନନ ବୁଲିଯିବାର ଆୟୋଜନ କରଯାଇଥିଲା ।




# ଜମି ମାଲିକାନା କୃଷକ ହାତକୁ ଯାଉ



ପ୍ରତିବର୍ଷ ଡିସେମ୍ବର ମାସ ୨୩ ତାରିଖକୁ 'ଜାତୀୟ କୃଷକ ଦିବସ' ରୂପେ ପାଳନ କରାଯାଇଥାଏ। କୃଷକ ହେଉଛନ୍ତି ଆମ ଦେଶ ପ୍ରଗତିର ମାଧ୍ୟମ। କୃଷକ ନଥିଲେ ଦେଶରେ ଉନ୍ନତି ହୋଇପାରିବ ନାହିଁ। ଦେଶ ନିର୍ଭର କରେ କୃଷିଜାତୀୟ ଦ୍ରବ୍ୟ ଉପରେ। କୃଷକମାନେ ହେଉଛନ୍ତି ଆମ ଦେଶର ଖାଦ୍ୟଦାତା। ସେ ଜୀବର ଜୀବନଦାତା। କୃଷକର ବିକାଶ ଦିଗରେ ଦୃଷ୍ଟି ଦେବା ଏହି ଦିବସର ଶ୍ରେଷ୍ଠ କର୍ତ୍ତବ୍ୟ। କୃଷକ ଏବଂ କୃଷିର ଉନ୍ନତି କରିବା ଦିଗରେ ଜନସଚେତନତା ସୃଷ୍ଟି କରିବା ପାଇଁ ଜାତୀୟ କୃଷକ ଦିବସକୁ ପାଳନ କରାଯାଏ। ସ୍ୱାଧୀନ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଏଥିନିମନ୍ତେ ଜୟ ଯବାନଙ୍କ ସହିତ ଜୟ କିଷାନ ବୋଲି ଦୃଢ଼କଣ୍ଠରେ କହିଥିଲେ।

ଓଡ଼ିଶାରେ ପ୍ରାୟ ୭୫ ପ୍ରତିଶତ ଅଧିବାସୀ ଗ୍ରାମାଞ୍ଚଳରେ ବାସ କରନ୍ତି। ସେଥିମଧ୍ୟରୁ ୬୫ ପ୍ରତିଶତ କେବଳ କୃଷିଜୀବୀ। ଗ୍ରାମାଞ୍ଚଳରେ ଅଧିକାଂଶ ଗରିବ ବାସ କରନ୍ତି। ସେମାନଙ୍କ ମଧ୍ୟରୁ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୩୧ ପ୍ରତିଶତ ଲୋକ ମଧ୍ୟ ଗ୍ରାମାଞ୍ଚଳରେ ବାସ କରନ୍ତି। ସୁଖର କଥା ଯେ କୃଷିର ବିକାଶ ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। କୃଷି ବିଭାଗ ପକ୍ଷରୁ କୁହାଯାଇଛି ଯେ କୃଷି ଉତ୍ପାଦନ ଦୁଇଗୁଣ ବୃଦ୍ଧି ହୋଇଛି ଏବଂ ଓଡ଼ିଶା ଏ ଦିଗରେ ପ୍ରଥମ। ଜଳସେଚନ ସୁବିଧା ମଧ୍ୟ ଗତ ୩-୪ ବର୍ଷ ମଧ୍ୟରେ ବୃଦ୍ଧି ପାଇଛି ଏବଂ ଆସନ୍ତା ତିନିବର୍ଷ ମଧ୍ୟରେ ଅଧିକ ୬ଲକ୍ଷ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ଦୀର୍ଘଦିନର ଆଶା ପୂର୍ଣ୍ଣ ହେବ ରେଙ୍ଗାଲି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ। ଆସନ୍ତା ବର୍ଷଠାରୁ ଏଥିରୁ ଚାଳିଶ ହଜାର ହେକ୍ଟର ଜଳସେଚିତ ହେବ। ଏସବୁରୁ ସୂଚନା ମିଳୁଛି ଯେ ଗ୍ରାମାଞ୍ଚଳର ଦାରିଦ୍ର୍ୟ ହ୍ରାସ ପାଉଛି। କିନ୍ତୁ ଅସଲ କଥା ହେଉଛି ଯେ ରାଜ୍ୟରେ କୃଷିର ବିକାଶ ଅନ୍ୟ ରାଜ୍ୟମାନଙ୍କ ସହିତ ସମକକ୍ଷ ନହେବାର କାରଣ ହେଉଛି ଯେ ରାଜ୍ୟର ୮୫ ଭାଗ ନାମକୁମାତ୍ର ଚାଷୀ ଅଛନ୍ତି ଏବଂ ଅନ୍ୟ ସମସ୍ତେ ଜମିର ମାଲିକ। ଯେଉଁମାନେ ଜମିର ମାଲିକ ନୁହନ୍ତି ସେମାନଙ୍କ ହାତରେ ଚାଷର ଦାୟିତ୍ୱ ରହୁଥିବାରୁ କୃଷି ବିକାଶ ନିମନ୍ତେ ନାମକୁମାତ୍ର ଚାଷୀମାନେ ଅଧିକ ଜମିକୁ ଜଳଯୋଗାଣ, ଉତ୍ତମ ବିହନ ପ୍ରୟୋଗ, ଅଧିକ ସାର ବିନିଯୋଗ ଓ କୀଟନାଶକ ବ୍ୟବହାର ପାଇଁ ନାମକୁ ମାତ୍ର ଚାଷୀମାନଙ୍କ ହାତରେ ଅର୍ଥ ନାହିଁ। ତେଣୁ ଏହି ନାମକୁମାତ୍ର ଚାଷୀମାନେ ସରକାରୀ ସୂତ୍ରରୁ ହେଉ ବା ବ୍ୟବସାୟୀ ସୂତ୍ରରୁ ହେଉ ଋଣ କରିବାକୁ ବାଧ୍ୟ ହୁଅନ୍ତି ଅଧିକ ଅମଳ କରିବା ପାଇଁ। ଓଡ଼ିଶା ହେଉଛି ଏକମାତ୍ର ଖାଉଟି ରାଜ୍ୟ, ଯେଉଁଠାରେ ଅଧିକ ଲୋକ ରାଜ୍ୟ ବାହାରୁ ଆସୁଥିବା ସାମଗ୍ରୀ ଉପରେ ନିର୍ଭର କରନ୍ତି। ଧାନ, ମକା, କିଛି ପରିବା, ଦୁଗ୍ଧ, କିଛି ଫଳମୂଳ ବାଦ ଦେଇ ଆଉ ସବୁ ଜିନିଷ ବାହାର ରାଜ୍ୟରୁ ଓଡ଼ିଶାକୁ ଆସିଥାଏ। ଓଡ଼ିଶାର କୃଷକମାନଙ୍କ ମଧ୍ୟରେ ୮୫ଭାଗ ଲୋକ ନାମକୁମାତ୍ର ଚାଷୀ ହେଉଥିବାରୁ କୃଷି ଉତ୍ପାଦନ ସେମାନଙ୍କର ଆର୍ଥିକ ଅବସ୍ଥା ଓ ଜଳ, ସାର, ଉତ୍ତମ ବୀଜ ଇତ୍ୟାଦିର ପ୍ରୟୋଗ ଉପରେ ନିର୍ଭର କରେ। ଏହି ନାମକୁମାତ୍ର ଚାଷୀମାନଙ୍କ ହାତରେ ଅର୍ଥ ନାହିଁ ଯଦ୍ଦ୍ୱାରା ସେମାନେ କୃଷିକୁ ଅଧିକ ଉତ୍ପାଦନକ୍ଷମ କରିବା ପାଇଁ ଋଣ ଆଣି ତାହାର ସଦୁପଯୋଗ କରିବେ। ଯେଉଁ କେତେକ କୃଷକ ଋଣ ପରିଶୋଧ କରିନପାରି ଆତ୍ମହତ୍ୟା କରୁଛନ୍ତି ସେମାନଙ୍କର ପରିବାରର ଆବଶ୍ୟକତା ପରେ ଧାନ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରିକରି ଋଣ ପରିଶୋଧ କରିବା ସମ୍ଭବ ହେଉନାହିଁ। ବନ୍ୟା, ବାତ୍ୟା, ମରୁଡ଼ି ଯୋଗୁଁ ଫସଲ ନଷ୍ଟ ହେଉଛି। ଏହାର ସ୍ଥାୟୀ ପ୍ରତିକାର ହେଉନାହିଁ। ଫଳ, ପରିବା, ମାଛ, ଅଣ୍ଡା, କୁକୁଡ଼ା ଓ ଅନ୍ୟାନ୍ୟ ଘରକରଣା ସମାଗ୍ରୀ, ଲୁଗା, ଲୁଙ୍ଗି, ଗାମୁଛାର ଇତ୍ୟାଦି ପ୍ରାୟ ଜିନିଷ ଓଡ଼ିଶାବାସୀଙ୍କୁ କ୍ରୟ କରିବାକୁ ପଡ଼ିଥାଏ। ଫଳରେ ଧାନ, ମକା ଆଉ ଅନ୍ୟାନ୍ୟ କିଛି ସାମଗ୍ରୀ ବିକ୍ରି କରି ସେମାନେ ଯାହା ଉପାର୍ଜନ କରନ୍ତି, ବାହାରୁ ଆସୁଥିବା ସାମଗ୍ରୀ କ୍ରୟ କରିବା ଦ୍ୱାରା ହାତରେ ଅର୍ଥ ରହେନାହିଁ। ଗତ କେତେବର୍ଷ ଧରି ଚାଷୀମାନଙ୍କର ଆୟ ଦୁଇଗୁଣ ବଢୁଥିବାରୁ ଆତ୍ମହତ୍ୟା କରୁଥିବା ଚାଷୀମାନଙ୍କର ସଂଖ୍ୟା କମିଛି ଏବଂ ତା' ସହିତ ଚାଷୀମାନଙ୍କର ସମସ୍ୟା ମଧ୍ୟ କେତେକାଂଶରେ ସମାଧାନ ହୋଇଥିବ। କିନ୍ତୁ ମୂଳକଥା ହେଉଛି ଯେ ଓଡ଼ିଶାର ୮୫ ପ୍ରତିଶତ ଚାଷୀ ଯଦି ନାମକୁମାତ୍ର ଚାଷ ଉପରେ ନିର୍ଭର କରୁଛନ୍ତି ତେବେ କୃଷି ଉତ୍ପାଦନ ବୃଦ୍ଧି କରିବା ସତ୍ତ୍ୱେ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ମୂଳ ପ୍ରସଙ୍ଗ ହେଉଛି ଯେ ଭାଗଚାଷୀଙ୍କ ସଂଖ୍ୟା ବଢୁଥିବାରୁ ଏବଂ ପ୍ରକୃତ ଚାଷୀଙ୍କ ହାତରେ ଜମି ନଥିବାରୁ ଜମିରୁ ଅଧିକ ଫସଲ ଉତ୍ତାରିବା ପାଇଁ ଋଣକରି ଜଳ, ବିହନ, ସାର କ୍ରୟ କରିବା ପାଇଁ ସେ ସାହସ କରିପାରୁନାହିଁ। କାରଣ ଓଡ଼ିଶାରେ ବନ୍ୟା, ମରୁଡ଼ି, ବାତ୍ୟା ଗୋଟିଏ ପରେ ଗୋଟିଏ ଲାଗି ରହିଥାଏ। ଏଥିରୁ ବୁଝିବାକୁ ହେବ ଯେ ଭାଗଚାଷ ପ୍ରଥାର ସଂସ୍କାର ଜରୁରୀ ଏବଂ ଚାଷୀ ଯେ ପର୍ଯ୍ୟନ୍ତ ଜମିର ମାଲିକ ହୋଇନାହିଁ, ସେ ପର୍ଯ୍ୟନ୍ତ ସେ ଚାଷ ପାଇଁ ସବୁ ସମ୍ବଳ ଖର୍ଚ୍ଚ କରିପାରିବନାହିଁ। ଗତ ଦଶବର୍ଷ ମଧ୍ୟରେ ଯଦି ଆମ୍ବ, ସପେଟା, ଲିଚୁ, ଅମୃତଭଣ୍ଡା ଇତ୍ୟାଦି ଉତ୍ପାଦନ ଆଶାନୁରୂପ ବଢ଼ିଥାଏ ଏବଂ ସେହିପରି ମାଛ, କୁକୁଡ଼ା, ଅଣ୍ଡା ଇତ୍ୟାଦିର ଆମଦାନୀ କିଛି ପରିମାଣରେ କମିଥାଏ ତେବେ ଚାଷୀକୁ ତା' ସମସ୍ୟା ପାଇଁ ଦୋଷ ଦେଇହେବନାହିଁ। କାରଣ ତା' ପାଖରେ ଅର୍ଥ ନାହିଁ କି ସେ ଜମିର ମାଲିକ ନୁହେଁ। ଗତ ୨-୩ ବର୍ଷ ଧରି ଚାଷୀମାନଙ୍କୁ ସ୍ୱାସ୍ଥ୍ୟବୀମା ଯୋଗାଇ ଦିଆଯାଉଛି ଏବଂ ଏହା ଏକ ସକାରାତ୍ମକ ପଦକ୍ଷେପ। କିନ୍ତୁ ପ୍ରାକୃତିକ ବିପତ୍ତିରୁ ଚାଷୀକୁ ଯେଉଁସବୁ ସମସ୍ୟାକୁ ସାମନା କରିବାକୁ ପଡୁଛି ସେ ବିଷୟରେ ସମାଧାନର ଶକ୍ତି ତା' ହାତରେ ନାହିଁ। ବଳକା ଫଳମୂଳ ସାଇତି ରଖିବା ପାଇଁ ଶୀତଳଭଣ୍ଡାର ଅଭାବ ରହିଛି। ଫଳ ପ୍ରକ୍ରିୟାକରଣ ମଧ୍ୟ ସହଜ ହେଉନାହିଁ। ଜଳସେଚନର ସୁବ୍ୟବସ୍ଥା, ଉତ୍ତମ ବିହନ, କୀଟନାଶକ ଓ ସାର ଉପଯୋଗ ପାଇଁ ତା' ହାତରେ ଯଦି କିଛି ପାଣ୍ଠି ନରହେ ତେବେ କୃଷି ସହିତ ଆନୁସଙ୍ଗିକ ଧନ୍ଦାଗୁଡ଼ିକର ବିକାଶ କରିବା ସମ୍ଭବପର ହେବନାହିଁ। ତାହା ନହେଲା ପର୍ଯ୍ୟନ୍ତ ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ଦୂରୀକରଣ ଦୂରକରିବା ସମ୍ଭବ ନୁହେଁ।

**-ଶେଖ୍ ଫରିଦ୍‌ଉଦ୍ଦିନ୍**

*ଦୂରସଞ୍ଚାର ଭବନ, ଲିଙ୍କରୋଡ଼, କଟକ, ଦୂରଭାଷ: ୯୪୩୭୦୦୪୮୮୮*

# ——ପ୍ରିୟ ଗୁରୁଙ୍କ ସ୍ମରଣେ...——



ସେ ଥିଲା ମୋର ନବମ ଶ୍ରେଣୀର କଥା। ଇଂରାଜୀ ପଢ଼ାଉଥିଲେ ହେଡ୍‌ମାଷ୍ଟ୍ରେ। ବିଷୟ ଥିଲା ଇଂରାଜୀ ଗଦ୍ୟର "ଲାଇଟ୍ ହାଜ ଗନ୍ ଆଉଟ୍"। ୩୦ ଜାନୁଆରୀ ୧୯୪୮ରେ ନାଥୁରାମ ଗଡ୍‌ସେ ଗୁଳିରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ମୃତ୍ୟୁବରଣ ପରେ ସେଦିନ ରେଡିଓକୁ ଏକ ବାର୍ତ୍ତା ଦେଇ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହେରୁ କହିଥିଲେ-"ଦେଶର ପିତା ଆଉ ନାହାନ୍ତି। ବର୍ତ୍ତମାନ ଆମ ଜୀବନର ଆଲୋକ ଲିଭିଗଲା। ମୁଁ ଆପଣଙ୍କୁ କ'ଣ କହିବି ଏବଂ କିପରି କହିବି ଜାଣିପାରୁନି। ଆମର ପ୍ରିୟ ନେତା ଆଉ ନାହାନ୍ତି।"

ଆଜି ସେ କଥା ମନକୁ ଆସୁଛି। 'ଆଲୋକ ଲିଭିଗଲା।' କଥାଟା ମୋ କାନକୁ ପ୍ରକମ୍ପିତ କରୁଛି। ଏତେ ଦିନ ପରେ ବି ସେଦିନର ଶ୍ରେଣୀ ଘଟଣା କାହିଁକି ମୋ ଆଗରେ ଜଳଜଳ କରି ନାଚି ଯାଉଛି। ଧଳା ରଙ୍ଗର ସଫା ଲୁଗା, ଧଳା ହାଓ୍ୱାନିସାର୍ଟ ଓ ପାଦରେ ନୀଳରଙ୍ଗ ଟେପ୍‌ର ଚପଲ ପିନ୍ଧି, ନାଲି ହୋଇଥିବା ପାଟି ପାନ କିନ୍ତୁ ନଥିଲା ଏବଂ ସଫେଦ ମୁହଁରେ, ମଧ୍ୟମ ସ୍ୱାସ୍ଥ୍ୟ, ଗୌରବର୍ଣ୍ଣ ଦେହରେ ଝଲକ ନେଇ ହାତରେ ନିଜର ହଳଦିଆ ବାଇଣ୍ଡିଂ ଇଂରାଜୀ ବହି, ବାମ ହାତରେ ଖୋଲା ଭାବେ ଧରି ହେଡ୍‌ମାଷ୍ଟ୍ରେ ସେଦିନ ସ୍ପଷ୍ଟ ଭାବରେ ଇଂରାଜୀର ଶବ୍ଦଗୁଡ଼ିକ ଉଚ୍ଚାରଣ କରୁଥିଲେ। ଆଜି ଯେପରି ଦ୍ୱିତୀୟ ପିରିୟଡ୍‌ରେ ରୁଦ୍ର ଚରଣ ଉଚ୍ଚ ବିଦ୍ୟାଳୟ ଆଜବେଷ୍ଟସ୍ ଛପର ଘେରା ଗୋଟିଏ ଶ୍ରେଣୀରେ ପଢ଼ାଇ ଚାଲିଛନ୍ତି। ଆଗ ଧାଡ଼ି ଝିଅ ପିଲା ଓ ପଛରେ ବସିଥିବା ପୁଅ ପିଲାଙ୍କ ଗହଣରେ ମୁଁ ହାତ ଟେକିଛି। କଳାପଟାରେ ଲେଖାହୋଇଥିବା ଇଂରାଜୀ ଶବ୍ଦକୁ ବ୍ୟବହାର କରି ମୁଁ ଭାବିଥିବା ବାକ୍ୟଟିଏ ଆଗ କହିବି।

ତାଙ୍କର ପ୍ରଚଣ୍ଡ ପ୍ରତିଭାଦୀପ୍ତ ବ୍ୟକ୍ତିତ୍ୱ ପାଇଁ ସୁଜନପୁର, ରୁଦ୍ର ଚରଣ ଉଚ୍ଚ ବିଦ୍ୟାଳୟରେ ଅଷ୍ଟମରୁ ଏକାଦଶ ଯାଏଁ ପଢ଼ିବା ସମୟରେ ମୁଁ କାହିଁକି ବିଦ୍ୟାଳୟର ସମସ୍ତ ପିଲା, ତା'ଛଡ଼ା ଆମକୁ ପଢ଼ାଉଥିବା ସାର୍‌ମାନେ ବି ତାଙ୍କୁ ହେଡ୍‌ମାଷ୍ଟ୍ରେ ବୋଲି ସମ୍ବୋଧନ କରୁଥିଲେ।

ପରେ ହାଇସ୍କୁଲ ସହିତ ଏମ୍.ଇ. ସ୍କୁଲ ମିଶିଯାଇଛି। ଅବଶ୍ୟ ସେତେବେଳେ ଏମ୍.ଇ. ସ୍କୁଲ ହାଇସ୍କୁଲ ଗୃହକୁ ଲାଗିଥିବା ଅନ୍ୟ ଏକ ଦୀର୍ଘ ପକ୍‌କା ଘରେ ଚାଲୁଥିଲା। ମାଇନର ସ୍କୁଲର ପ୍ରଧାନଶିକ୍ଷକ ଥିଲେ ଶ୍ରୀ ରଘୁନାଥ ଦାସ ଓ ହିନ୍ଦୀ ଶିକ୍ଷକ ଥିଲେ ଦୟାନିଧି ସାର୍ (ଶଚୀ ସାର୍)। ମୋର ଷଷ୍ଠ ଏବଂ ସପ୍ତମ ଶ୍ରେଣୀ ସେହି ଗାନ୍ଧି ଏମ୍.ଇ. ସ୍କୁଲରେ ସମାପ୍ତି ହୋଇଥିଲା। ମୁଁ ଶୁଣିଛି କେବଳ ଶଚୀ ସାର୍ ହିଁ ତାଙ୍କୁ ସୁରବାବୁ ବୋଲି ଡାକୁଥିଲେ। ସମବୟସ୍କ ବୋଲି କେବଳ ନୁହେଁ, ସେ ଥିଲେ ହେଡ୍‌ମାଷ୍ଟ୍ରଙ୍କ ଡ୍ରାମା ସାଥୀ। ଆଉ ଜଣେ ସୁଜନପୁରର ସଙ୍ଗୀତ ମାଷ୍ଟର୍ ଓ ହୋମିଓପାଥି ପ୍ରାକ୍ଟିସନର୍ ସୁରେନ୍ଦ୍ର କୁମାର ମହାନ୍ତି ହେଡ୍‌ମାଷ୍ଟ୍ରଙ୍କୁ ସୁରବାବୁ ବୋଲି ଡାକୁଥିଲେ। ଡ୍ରାମାରେ ସେ ହାରମୋନିୟମ୍ ଓ ହେଡ୍‌ମାଷ୍ଟ୍ରେ ଅଭିନୟ ନଥିଲେ ବେହେଲା ବଜାଉଥିଲେ।

ଯାଜପୁର ଜିଲ୍ଲା ସାହାସପୁର ଗ୍ରାମରେ ନନ୍ଦକିଶୋର ରାଉତ ଏବଂ ରସବତୀ ରାଉତଙ୍କର ୬ ନଭେମ୍ବର ୧୯୩୩ରେ କୋଳମଣ୍ଡନ କରିଥିବା ସୁଯୋଗ୍ୟ ସନ୍ତାନ ପ୍ରିୟ ସାର୍ ଶ୍ରୀଯୁକ୍ତ ସୁରେନ୍ଦ୍ର ନାଥ ରାଉତ ଥିଲେ ଏକାଧାରରେ ଜଣେ ସୁନାମଧନ୍ୟ ପ୍ରଧାନଶିକ୍ଷକ, ଉତ୍ତମ ପ୍ରଶାସକ, ବିଶିଷ୍ଟ ଇଂରାଜୀ ଶିକ୍ଷକ, ନାଟ୍ୟ ନିର୍ଦ୍ଦେଶକ, ମଞ୍ଚ ଅଭିନେତା, ଅଲ୍ ଇଣ୍ଡିଆ ରେଡିଓ କଳାକାର, ସୁଦକ୍ଷ ବେହେଲା ବାଦକ। ସମାଜସେବୀ, ସଙ୍ଗଠକ ଓ ସୁଜନପୁର ଏ.ପି. କଲେଜର ଉଦ୍ୟୋକ୍ତା ସଂପାଦକ। ତାଙ୍କର ଶିକ୍ଷାଦାନ ଶୈଳୀ ଥିଲା ଅତ୍ୟନ୍ତ ଚମତ୍କାର; ତା'ଛଡ଼ା ସେ ଥିଲେ ସୌନ୍ଦର୍ଯ୍ୟପିପାସୁ ଏବଂ ଉଚ୍ଚ ବ୍ୟକ୍ତିତ୍ୱସଂପନ୍ନ ବ୍ୟକ୍ତି। ହାଇସ୍କୁଲ ଏବଂ ଏମ୍.ଇ. ସ୍କୁଲର କ୍ୟାମ୍ପସ୍ ଗୋଟିଏ ହୋଇଥିଲେ ବି ସେ ବିଭିନ୍ନ ପ୍ରକାର ଦେଶୀ, ବିଦେଶୀ ଫୁଲରେ ବିଦ୍ୟାଳୟ ହତାକୁ ରଙ୍ଗ ବେରଙ୍ଗରେ ଚମକାଇ ଦେଉଥିଲେ। ଆଜି ବି ସେ ଜିନିଆ, ଡାଲିଆ, ଗୋଲାପ ଓ ବିଭିନ୍ନ କିସମର ଫୁଲ ବଗିଚାରେ ଫୁଟୁଥିବା ଫୁଲ ମନ ଦିଗ୍‌ବଳୟର ଧାରେଧାରେ ଇନ୍ଦ୍ରଧନୁର ଗାରିମା ନେଇ ରହିରହି ଝଲସି ଉଠୁଛି।

ସମୟକ୍ରମେ ସେହି ବିଦ୍ୟାଳୟ ପରିସରରୁ ମେଟ୍ରିକ୍ ପାଶ୍ କରିବା ପରେ ମୁଁ ଓଡ଼ିଆ ଏମ୍.ଏ. ଏବଂ ଭୁବନେଶ୍ୱର, ରିଜିଓନାଲ୍ କଲେଜରୁ ବି.ଇଡି. ପରୀକ୍ଷା ଦେଇ ଗାଁକୁ କିଛିଦିନ ବୁଲିବାକୁ ଆସିଥିବା ଅବସରରେ ସୁରସାର୍ କିପରି ଖବର ପାଇଯାଇଥିଲେ। ମତେ ଏମିତି ଏକ ଅପରାହ୍ନରେ ଆଞ୍ଚଳିକ ପଞ୍ଚାୟତ କଲେଜ, ସୁଜନପୁରର ପ୍ରିନ୍ସିପାଲ୍ ଇଣ୍ଟରଭ୍ୟୁ ଦେବାକୁ ତାଙ୍କ ଅଫିସ୍‌କୁ ଡକାଇ ପଠାଇଲେ। ସୁରସାର୍ ଡାକିଥିବାରୁ ଅଗତ୍ୟା ଯାଇଥିଲି। ସୁଜନପୁରେ ନୂଆ କଲେଜ ଖୋଲିବ ଏବଂ ଯିଏ ପ୍ରିନ୍ସିପାଲ୍ ହେବ ସେ ଗୁରୁଦାୟିତ୍ୱ ହିଁ ବହନ କରିବ। ଭି.ଏସ୍. ରାଖାଲ ମହାନ୍ତି, ନଉପଡ଼ା ଶରତ୍‌ବାବୁ, ମନୁବାବୁ ଇତ୍ୟାଦି ଇଣ୍ଟରଭ୍ୟୁ ବୋର୍ଡରେ ହେଡ୍‌ମାଷ୍ଟ୍ରଙ୍କ ସଭାପତିତ୍ୱରେ ବସିଥିଲେ। ହେଡ୍‌ମାଷ୍ଟ୍ରଙ୍କ ଅଫିସ୍‌ରେ ହିଁ ଇଣ୍ଟରଭ୍ୟୁ ହେଲା। କୁଜାହାଲା ଗ୍ରାମର ରୁଦ୍ରବାବୁ (ରୁଦ୍ରଚରଣ ମିଶ୍ର) ଏବଂ ମୁଁ ପ୍ରିନ୍ସିପାଲ୍ ଇଣ୍ଟରଭ୍ୟୁ ଦେବା ପରେ ବୋର୍ଡ ଆମ ଦୁଇଜଣଙ୍କୁ ଡାକି କହିଲେ- ଦୁଇଜଣ ବାହାରେ କଥାହୋଇ ଆସି କୁହ ପ୍ରିନ୍ସିପାଲ୍ ତୁମ ଦୁଇଜଣଙ୍କ ଭିତରୁ କିଏ ହେବ? ବି.ଏଡ୍. ରେଜଲ୍‌ଟ ପରେ ମୁଁ ଏମ୍.ଏଡ୍. ପଢ଼ିବାକୁ ନିଶ୍ଚୟ ଚାଲିଯିବି। ତେଣୁ ରୁଦ୍ରବାବୁ ହାଇସ୍କୁଲରେ ମୋ'ଠାରୁ ଗୋଟିଏ ବର୍ଷ ଜୁନିୟର୍ ହୋଇଥିଲେ ବି ତାଙ୍କୁ ପ୍ରିନ୍ସିପାଲ୍ ଦାୟିତ୍ୱ ନେବାକୁ ମୁଁ ବହୁତ ଅନୁରୋଧ କଲି। ମୁଁ ସିନିଅର୍ ହୋଇଥିବାରୁ ସେ ମନା କରିଦେଲେ। ମୁଁ ବାଧ୍ୟ ହୋଇ ପ୍ରିନ୍ସିପାଲ୍ ଭାବେ ଜଏନ୍ କଲି।

ସୁରସାର୍ କେବଳ ଯେ ସେକ୍ରେଟାରୀ ଭାବେ ନୂଆ କଲେଜର ଦାୟିତ୍ୱ ଅଞ୍ଚଳବାସୀଙ୍କ ଅନୁରୋଧରେ ନେଇଥଲେ ସେକଥା ନୁହେଁ, କଲେଜ ଚଳାଇବାକୁ ଗାଁକୁ ଗାଁ ଆର୍ଥିକ ସାହାଯ୍ୟ ପାଇଁ ଅନ୍ୟମାନଙ୍କ ସହ ମୁଣ୍ଡଫଟା ଖରା, ବର୍ଷା ଓ ଶୀତରେ ବୁଲିଛନ୍ତି। ସୁଜନପୁର ଗୋରୁ ହାଟରୁ ମଣ୍ଟୁବାବୁଙ୍କ ଅଧ୍ୟକ୍ଷତାରେ ଶନିବାର ଯାହା ରେଭେନ୍ୟୁ କଲେକସନ୍ ହୁଏ, ତାହାର କିଛି ଅଂଶ କଲେଜ ପାଣ୍ଠିକୁ ସାହାଯ୍ୟ ବାବଦରେ ଆସୁଥିବାରୁ ସୁରସାର୍ ମଣ୍ଟୁବାବୁଙ୍କୁ ଏ ଦିଗରେ ସକ୍ରିୟ ସହଯୋଗ କରୁଥିଲେ।

କେବଳ ଯେ ଇଂରାଜୀ ଶିକ୍ଷାଦାନରେ ସୁରସାର୍‌ଙ୍କର ବିଦ୍‌ବତ୍ତା ଥିଲା ସେକଥା ନୁହେଁ ସେ ହାଇସ୍କୁଲ୍‌ରେ ସୁନ୍ଦର ଭାବରେ ଓଡ଼ିଆ ପଢ଼ାଉଥିଲେ। ମୁଁ ସେଦିନ ପ୍ରଥମ ସିଟ୍‌ରେ ଓଡ଼ିଆ ଏମ୍.ଏ. ପ୍ରଥମ ବର୍ଷ ପ୍ରଥମ ପେପର୍ ପରୀକ୍ଷା ଦେଇ ରେଭେନ୍ସା କଲେଜର ତଳ ମହଲାରେ ସାଙ୍ଗମାନଙ୍କ ସହ କଥା ହେବା ସମୟରେ ସୁରସାର୍‌ଙ୍କୁ ଭେଟିଲି ଓ ପଚାରିଲି ସେ କାହିଁକି ସେଠାକୁ ଆସିଛନ୍ତି। ଜାଣିଲି ବହୁଦିନର ଇଚ୍ଛାକୁ ପୂରଣ କରିବାକୁ ଯାଇ ବିଦ୍ୟାଳୟର ଗୁରୁଦାୟିତ୍ୱ ଭିତରେ ରହି ଓଡ଼ିଆ ଏମ୍.ଏ. ପରୀକ୍ଷା ମଧ୍ୟ ଦେବାକୁ ଆସିଛନ୍ତି। ପରେ ଜାଣିବାକୁ ପାଇଥିଲି ସେ ପ୍ରଥମ ଶ୍ରେଣୀରେ ଓଡ଼ିଆ ଏମ୍.ଏ. ପାଶ୍ କରିଥିଲେ।

ଗତ ଡିସେମ୍ବର ୧୩ ତାରିଖରେ ଗାଁକୁ ଆସିଥିବା ସମୟରେ ଦିନ ସାଢ଼େ ଚାରିଟାରେ ତାଙ୍କର ଦେହାନ୍ତ ହୋଇଯିବା ଖବର ପାଇ ମୁଁ ବିବ୍ରତ ହୋଇପଡ଼ିଲି। ଗାଁକୁ ଆସିଥିଲେ ବି ଟେବୁଲ୍ ଉପରେ ଇଉନିଭରସିଟିର ପ୍ରୋଜେକ୍ଟ କାମରେ ବ୍ୟସ୍ତ ଥିଲି। ସବୁ ବନ୍ଦ କରି ମିସେସ୍‌ଙ୍କୁ ଡାକି ତୁରନ୍ତ ଏ ଦୁଃଖଦ ଖବରଟା କହିବା ସହ ହାତଯୋଡ଼ି ମନେମନେ ମୋର ସେହି ପ୍ରିୟଗୁରୁ ଓ ଏ ଅଞ୍ଚଳ ଆକାଶର ଅସ୍ତମିତ ଏକ ପ୍ରଚଣ୍ଡ ଶିକ୍ଷା ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ମୋର ଶେଷ ଭକ୍ତିପୂତ ପ୍ରଣାମ ଜଣାଇ ସ୍ମରଣ କରୁଥିଲି।

*"ଗୁରୁର୍ବ୍ରହ୍ମା ଗୁରୁର୍ବିଷ୍ଣୁ ଗୁରୁର୍ଦେବ ମହେଶ୍ୱର,*
*ଗୁରୁର୍ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈଶ୍ରୀଗୁରବେ ନମଃ।"*

**——ଡକ୍ଟର ନାରାୟଣ ବାରିକ୍**

*-୮, ରୟାଲଗାର୍ଡେନ, ଆଇଗିଣିଆ, ଭୁବନେଶ୍ୱର-୧୯, ମୋ: ୯୩୪୮୯୪୮୫୪୭*

# ମଣ୍ଡି ଖୋଲୁନାହିଁ, ବେପାରୀ ଫାଶରେ ଧାନଚାଷୀ

ଧର୍ମଶାଳା (ପିଏନ୍): ଧାନ ଅମଳ ସମୟରେ ମଣ୍ଡି ଖୋଲାଯାଉନାହିଁ । ଏହାର ସୁଯୋଗରେ ବେପାରୀ ଚାଷୀଙ୍କୁ ନିଜ ଫାଶରେ ପକାଇ ଶସ୍ତାରେ ଧାନ କିଣି ନେଉଛି । ଧାନ କ୍ୱିଣ୍ଟାଲ ପିଛା ସରକାରୀ ଦର ୨୦୪୦ ଟଙ୍କା ହୋଇଥିବା ବେଳେ ବେପାରୀ ୧୪୦୦ ଟଙ୍କାରେ କିଣି ନେଉଛି । ଏଥିରେ ଚାଷୀ କ୍ୱିଣ୍ଟାଲ ପିଛା ୬୪୦ ଟଙ୍କା କ୍ଷତି ସହୁଥିବା ବେଳେ ବେପାରୀ ମାଲାମାଲ ହେଉଛି । ଖରିଫ୍ ଧାନ ଅମଳ ହୋଇ ବସ୍ତା ବନ୍ଧା ସରିଲାଣି । ହେଲେ ଏପର୍ଯ୍ୟନ୍ତ ଧର୍ମଶାଳା ବ୍ଲକରେ ଥିବା ୧୩ଟି ସମବାୟ ସମିତି ପକ୍ଷରୁ କୌଣସି ସ୍ଥାନରେ ଧାନମଣ୍ଡି ଖୋଲା ଯାଇନାହିଁ। ଜାନୁଆରୀ ୪ ତାରିଖରେ ଜିଲ୍ଲା ମଣ୍ଡି ଖୋଲାହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ତା' ମାନେ ଜିଲ୍ଲା ଓ ବ୍ଲକ ସ୍ତରରେ ମଣ୍ଡି ଖୋଲିଲା ବେଳକୁ ଜାନୁଆରୀ ଦ୍ୱିତୀୟ ସପ୍ତାହ ହୋଇଯିବ । ସେତେବେଳକୁ ଅଧିକାଂଶ ଚାଷୀଙ୍କ ଧାନ ବେପାରୀଙ୍କ ହାତକୁ ଚାଲି ଯାଇଥିବ । ଜିଲ୍ଲା ଓ ବ୍ଲକସ୍ତରୀୟ ମଣ୍ଡି କେଉଁଠି ଖୋଲିବ ତାହା ମଧ୍ୟ ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ । ମଣ୍ଡି ଖୋଲିବାରେ ବିଳମ୍ବ ହେବା, ସରକାରୀ ଧାନକିଣାରେ ଯାବତୀୟ କଟକଣା, କଟ୍‌ନିଛଟ୍‌ନି, ଅଖା ପଇସା ନମିଳିବା ଓ ବିକ୍ରିଅର୍ଥ ମିଳିବାରେ ବିଳମ୍ବ ଆଦି କାରଣକୁ ନେଇ ଚାଷୀ ମଣ୍ଡିରେ ଧାନ ବିକ୍ରି କରିବାକୁ ଆଗ୍ରହ ପ୍ରକାଶ କରୁନାହିଁ । କମ୍ ଦାମ୍‌ରେ ହେଉପଛେ ଅମଳ ପରେ ପରେ ନଗଦ ଟଙ୍କା ମିଳିଯାଉଥିବାରୁ ଚାଷୀ ବେପାରୀଙ୍କୁ ଧାନ ବିକ୍ରି କରି ଦେଉଛନ୍ତି। ତଥାପି ସମବାୟ ବିଭାଗର ଚିନ୍ତା ପଶୁନାହିଁ। ଠିକ୍ ସମୟରେ ମଣ୍ଡି ଖୋଲୁନାହିଁ । ଯାହାକୁ ନେଇ ଧାନଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାର ଏବେ କୃଷି ସମବାୟ ସମିତି ମାଧ୍ୟମରେ ଧାନମଣ୍ଡି ଖୋଲି ଅନ୍‌ଲାଇନ୍ ପଂଜିକରଣ ଜରିଆରେ ଚାଷୀମାନଙ୍କଠାରୁ ସିଧାସଳଖ ଧାନ ସଂଗ୍ରହ କରୁଛନ୍ତି । ହେଲେ ପ୍ରକୃତ ଚାଷୀ ଏହାର ସୁବିଧା ପାଇପାରୁନାହାଁନ୍ତି । ଜମିମାଲିକ ପାଖରେ ଜମିପଟ୍ଟା ରହୁଥିବାରୁ ଭାଗଚାଷୀ ଧାନ ବିକ୍ରି କରିବା ପାଇଁ ଅନ୍‌ଲାଇନ୍ ରେଜିଷ୍ଟ୍ରେସନ୍ କରିପାରୁନାହିଁ । ଫଳରେ କଷ୍ଟଲବ୍ଧ ଧାନକୁ ସରକାରୀ ଦରରେ ବିକ୍ରି କରିବାରୁ ବଂଚିତ ହୋଇ କ୍ଷତି ସହୁଛି ଚାଷୀ । ଏପଟେ ବେପାରୀ ଓ ମିଲରମାନେ କୌଶଳକ୍ରମେ କିଛି ଜମିମାଲିକଙ୍କ ନାଁରେ ଧାନ ବିକ୍ରି କରିବାକୁ ଅନ୍‌ଲାଇନ୍ ରେଜିଷ୍ଟ୍ରେସନ କରୁଛନ୍ତି । ହେଲେ ସେସବୁ ଜମି ପଡ଼ିଆ ପଡ଼ିଥିବା ବେଳେ ପୋଖରୀ, ଗଡ଼ିଆ, ଘରବାଡ଼ି ଆଦି ସ୍ଥାନରେ ମିଥ୍ୟା ଧାନଚାଷ ହୋଇଥିବା ସାଟେଲାଇଟ୍ ସର୍ଭେରୁ ଜଣାପଡ଼ିଛି । ଅପରପକ୍ଷେ ବିଲରୁ କିମ୍ବା ଖଳାରୁ ଧାନ କିଣିନେବା ପାଇଁ ଅସାଧୁ ଧାନ ବେପାରୀ ଓ ମିଲରମାନେ ଗାଁକୁ ଗାଁ ବୁଲିବା ଆରମ୍ଭ କରିଦେଲେଣି। ଯଦି ଠିକ୍ ସମୟରେ ଧାନ ମଣ୍ଡି ଖୋଲା ନଯାଏ, ଅନ୍‌ଲାଇନ୍ ରେଜିଷ୍ଟ୍ରେସନ୍ କରିଥିବା ଚାଷୀ ମଧ୍ୟ ବେପାରୀଙ୍କୁ କ୍ଷତିରେ ହେଉ ପଛେ ଧାନ ବିକିବା ପାଇଁ ଉଚିତ୍ ମନେକରିବେ। ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଧାନଚାଷୀମାନେ ଦାବି କରିଛନ୍ତି ।

# ବିଜେପିର ସାଂଗଠନିକ ବୈଠକ



ଧର୍ମଶାଳା (ପିଏନ୍): ଧର୍ମଶାଳା ନିର୍ବାଚନମଣ୍ଡଳୀ ଅରାବଳ ପଞ୍ଚୟର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧର୍ମଶାଳା ଭାଜପା ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେପି ନେତା କ୍ଷେତ୍ରବାସୀ ନାୟକଙ୍କ ନେତୃତ୍ୱରେ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ବୈଠକରେ ଭାଗ ନେଇଥିବା ବେଳେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଜେପି ନେତା ସର୍ବେଶ୍ୱର ବେହୁରା ଯୋଗ ଦେଇଥିଲେ। ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହିତ କେନ୍ଦ୍ର ସରକାରଙ୍କ ଲୋକହିତକାରୀ ଯୋଜନା କିଭଳି ଭାବରେ ଲୋକଙ୍କ ନିକଟରେ ପହଂଚିପାରିବ ଓ ସରକାରଙ୍କର ବିଭିନ୍ନ ଯୋଜନାରୁ ବାଦ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ହକ୍ ଦେବା ପାଇଁ ସ୍ୱର ଉତୋଳନ କରାଯିବ ବୋଲି ଆଲୋଚନା ହୋଇଥିଲା। ଏହି ବୈଠକରେ ବିଜେପି ନେତା ଚନ୍ଦ୍ରମଣି ପଣ୍ଡିତ, ସୁଶାନ୍ତ ବେହେରା, ରାଜେନ୍ଦ୍ର ଜେନା, ପାର୍ବତୀ ନାୟକ, ଦୁଃଶାସନ ସାମଲ, ମଧୁସ୍ମିତା ପାଳ, ସଚିନ୍ଦ୍ର ସାମଲ, ସ୍ମୃତିରଂଜନ ବିଶ୍ୱାଳ, ସଂଘମିତ୍ରା ସାମଲ, ବଂଶୀଧର ଓଝା ପ୍ରମୁଖ ଯୋଗ ଦେଇଥିଲେ।

# ସମ୍ବଲପୁର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ

ସମ୍ବଲପୁର (ପିଏନ୍): କେନ୍ଦ୍ରୀୟ ବିଦ୍ୟାଳୟର ୫୭ତମ ବାର୍ଷିକୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଅତିରିକ୍ତ ଜିଲ୍ଲାଧିକାରୀ ଶ୍ରୀ ଅଜାମ୍ବର ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ। ବିଦ୍ୟାଳୟ ପ୍ରବନ୍ଧ ସମିତିର ସଦସ୍ୟଗଣ, ଅଭିଭାବକ ଗଣ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତି ଉତ୍ସବର ଶୋଭାବର୍ଦ୍ଧନ କରିଥିଲା। ମୁଖ୍ୟ ଅତିଥିଙ୍କୁ ସ୍ୱାଗତ, ଦୀପ ପ୍ରଜ୍ୱଳନ ଓ ସରସ୍ୱତୀ ବନ୍ଦନା ପରେ ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ପ୍ରଶାନ୍ତ କୁମାର ଷଡ଼ଙ୍ଗୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଚିତ୍ତାକର୍ଷକ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଷ୍ଟାଫ୍ ସକ୍ରିୟ ଭାବେ ଅଂଶ ଗ୍ରହଣ କରି ଉତ୍ସବଟିକୁ ସାଫଲ୍ୟମଣ୍ଡିତ କରିଥିଲେ। ଇଂରାଜୀ ଅଧ୍ୟାପକ ଶ୍ରୀ ଅରୁଣ କୁମାର ଯୋଷୀ, ସହପାଠ୍ୟଗାମୀ କାର୍ଯ୍ୟକଳାପ ପ୍ରଭାରୀ ଶ୍ରୀମତୀ ପଦ୍ମାକ୍ଷୀ ବେହେରା, ହିନ୍ଦୀ ଶିକ୍ଷୟିତ୍ରୀ ଶ୍ରୀମତୀ (ଡକ୍ଟର) ଉମା କୁମାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ବରିଷ୍ଠତମ ଶିକ୍ଷୟିତ୍ରୀ ଶ୍ରୀମତୀ ଭି. ଅନିତା କୁମାରୀ ଧନ୍ୟବାଦ ଅର୍ପଣ କରି ଥିଲେ। ଅଧ୍ୟକ୍ଷ ଶ୍ରୀ ଷଡ଼ଙ୍ଗୀ ଶେଷରେ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ୨୬ତମ ପ୍ରତିଷ୍ଠା ଦିବସରେ ବିଜେଡିର ଦମଦାର ଶକ୍ତି ପ୍ରଦର୍ଶନ

**ଭଦ୍ରକ, (ପିଏନ):** ଭଦ୍ରକ ବିଧାନସଭା କ୍ଷେତ୍ରରେ ବିଧାୟକ ସଂଜୀବଙ୍କ ବିକଳ୍ପ ନାହିଁ। ବିଜେଡିର ୨୬ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଦଳର ରାଜ୍ୟସ୍ତରୀନେତାଙ୍କ ଠାରୁ ଆରମ୍ଭ କରି ପଂଚାୟତସ୍ତରୀୟ ନେତାମାନେ ଭାଷଣ ରଖିଛନ୍ତି। ଭଦ୍ରକ ବିଧାନସଭା କ୍ଷେତ୍ର ବିଜେଡିର ପ୍ରତିଷ୍ଠା ଦିବସ ସମାରୋହ ଉତ୍ସବ। ଅନ୍ୟୁନ୍ୟ ୩୦ହଜାରରୁ ଅଧିକ ବିଜେଡି କର୍ମୀଙ୍କ ସମାବେଶ ସାରା ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚାର ବିଷୟ ହୋଇଛି। ନିର୍ବାଚନ ନଥିବା ବେଳେ ପ୍ରତିଷ୍ଠା ଦିବସରେ ଏଭଳି ଜନସମାବେଶ ଭଦ୍ରକର ଯୁବ ବିଧାୟକ ସଂଜୀବଙ୍କ ଦୃଢ ନେତୃତ୍ୱକୁ ପ୍ରତିପାଦନ କରୁଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଭଦ୍ରକ ନେହେରୁ ଷ୍ଟାଡିୟମରେ ଯେଉଁ ସମାବେଶ ଅନୁଷ୍ଠିତ ହୋଇଥିଲା ଏହି ସମାବେଶରେ ୧୦ହଜାରରୁ ଅଧିକ ମହିଳାଙ୍କ ଉପସ୍ଥିତି ପରିଲକ୍ଷିତ ହୋଇଥିଲା।ବିଧାୟକ ସଂଜୀବଙ୍କ ନେତୃତ୍ୱରେ ବିରାଟ ବାଇକ୍ ଶୋଭାଯାତ୍ରା ଆୟୋଜନ କରିଥିଲେ ଓ ଏଥିରେ ୧୦ ହଜାର ବାଇକ୍‌ରେ ୨୦ହଜାରରୁ ଅଧିକ ଯୁବ-ଛାତ୍ର କର୍ମୀ ସାମିଲ ହୋଇଥିଲେ। ଆଗକୁ ବିକାଶର ରଥ ଗଡି ଚାଲିବ ବୋଲି ଦଳର ନେତାମାନେ ସଭାମଂଚରେ ଭାଷଣ ରଖିଥିଲେ। ଜମା ମସ୍‌ଜିଦର ରୂପାନ୍ତରିକରଣ ଠାରୁ ଆରମ୍ଭ କରି ମା'ଭଦ୍ରକାଳୀ ପୀଠର ସୌନ୍ଦର୍ଯ୍ୟକରଣ ପର୍ଯ୍ୟନ୍ତ ମିଳିଥିବା ଅନୁଦାନ ବିଜେଡି ଭାଇଚାରର ସନ୍ଦେସ ବାଂଟୁଛି ବୋଲି ବିଜେଡି ନେତାମାନେ କହିଥିଲେ। ରାସ୍ତାଘାଟ ନିର୍ମାଣ ଠାରୁ ଆରମ୍ଭ କରି ବାଗୁରାଇ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ, ନୂତନ ମେଡିକାଲ ବିଲଡିଂ ନିର୍ମାଣ ଠାରୁ ଆରମ୍ଭ କରି ଏସ୍‌ସି-ଏସ୍‌.ଟି ବିଲିଡିଂ ନିର୍ମାଣ ନିର୍ମାଣ, ସ୍ମାର୍ଟ ଲାଇବ୍ରେରୀ ନିର୍ମାଣ, ନେହେରୁ ଷ୍ଟାଡିୟମର ଆଧୁନିକରଣ, ବସଷ୍ଟାଣ୍ଡ ଆଧୁନିକରଣ, ଭଦ୍ରକ-ଆଖଣ୍ଡଳମଣି ରାଜ୍ୟ ରାଜପଥ ନିର୍ମାଣ, ଭଦ୍ରକ କଚେରୀ ବଜାରରୁ ପୁରୁଣାବଜାର ରାସ୍ତା ନିର୍ମାଣ, ମୋଟେଲ ଛକରୁ କାଉପୁର ରାସ୍ତା ନିର୍ମାଣ ଯାଏଁ, ସ୍ୱରେଜ ଟ୍ରିଟମେଂଟ ପ୍ଲାଂଟ ନିର୍ମାଣ, ପାର୍କ ନିର୍ମାଣ ଆଦି ବିକାଶମୂଳକ କାର୍ଯ୍ୟର ଅବତାରଣା କରିଥିଲେ ନେତାମାନେ। ଏହି ସମାବେଶ ଜରିଆରରେ ବରିଷ୍ଠ ବିଜେଡି ବିଧାୟକ ଦେବୀ ମିଶ୍ର ବିକାଶ ପାଇଁ ବିଧାୟକ ସଂଜୀବଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ ସଂଜୀବଙ୍କ ବିକଳ୍ପ ନାହିଁ ବୋଲି କହିଥିବା ବେଳେ ମଂଚାସୀନ ବରିଷ୍ଠ ବିଧାୟକ ପ୍ରଫୁଲ୍ଲ ସାମଲ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଜେନା ଭଦ୍ରକ ବ୍ଲକ ଅଧକ୍ଷା ଉର୍ମିଳା ନାୟକ, ଭଦ୍ରକ ପୌର ଉପାଧକ୍ଷା ଅଂଜୁବାଳା ଜେନା, ବରିଷ୍ଠ ନେତା ତଥା ଜିଲ୍ଲା ପରିଷଦ ସଭ୍ୟ ମଳୟ ଜେନା, ଆଜିର ସଭା ପରିଚାଳନା କରୁଥିବା ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ଟାଉନ ସଭାପତି ତାହେର ମହମ୍ମଦ, ରାଜ୍ୟ ସଂଖ୍ୟାଲଘୁ ବିଜେଡି ସେଲ୍ ଉପଦେଷ୍ଟା ତାହେରା ଖାତୁନ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ପ୍ରାକ୍ତନ ପୌରାଧକ୍ଷ ମାନସ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରବୀର ଜେନା, ପ୍ରଣୟ ଦାସ, ବ୍ଲକ ମହିଳା ସଭାନେତ୍ରୀ ଦେବୀଦତ୍ତା ମହାନ୍ତି, ଟାଉନ ମହିଳା ବିଜେଡି ସଭାନେତ୍ରୀ ଦେବହୂତୀ ମହାନ୍ତି, ଜିଲ୍ଲା ଯୁବ ବିଜେଡି ସଭାପତି ମୁକୁନ୍ଦଦେବ ସାମଲ, କାଉନସିଲର ଦିଲିପ ନାୟକ, ପ୍ରମୁଖ ବହୁ ନେତାମାନେ ସେମାନଙ୍କ ଭାଷଣରେ ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକଙ୍କ କେହି ବିକଳ୍ପ ନାହାନ୍ତି ବୋଲି ଖୋଲା ଖୋଲି ଦୋହରାଇ ଥିଲେ।

## ଜିଲ୍ଲାସ୍ତରୀୟ ଦୌଡକୁଦ ଓ କ୍ରିକେଟ ପ୍ରତିଯୋଗିତା ଉଦଯାପିତ

**କରଞ୍ଜିଆ,(ପିଏନ):** ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ କରଞ୍ଜିଆ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ତତ୍ତ୍ୱାବଧାନରେ କରଞ୍ଜିଆ ଷ୍ଟାଡିୟମ ପରିସରରେ ତିନିଦିନ ଧରି ଚାଲିଥିବା ୧୪ ଓ ୧୭ ବର୍ଷରୁ କମ୍ ଉଭୟ ବାଳକବାଳିକା ବର୍ଗର ଦୌଡକୁଦ ଏବଂ ୧୭ ବର୍ଷରୁ କମ୍ ଉଭୟ ବାଳକବାଳିକା ବର୍ଗର କ୍ରିକେଟ ପ୍ରତିଯୋଗିତା, ୨୦୨୨-୨୩ ଜାନୁୟାରୀ ୧୦ ତାରିଖରେ ଉଦଯାପିତ ହୋଇଯାଇଛି ।ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ନବକିଶୋର ଗିରି ଙ୍କ ସଭାପତିତ୍ୱ ଓ ଜିଲ୍ଲା ଶାରୀରିକ ଶିକ୍ଷା ନୀରିକ୍ଷକ ଭାଗିରଥି ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟବକ୍ତା ଭାବେ ପାଞ୍ଚପୀଢ ଉପଜିଲ୍ଲାପାଳ ଓ ଉପଖଣ୍ଡ ମାଜିଷ୍ଟେଟ୍ ପ୍ରେମାଂଶୁ ଚାନ୍ଦ ଯୋଗଦେଇ କ୍ରୀଡାବିତ୍ ମାନେ ନିଜକୁ ପାଠ ସହ ଖେଳୁଆଡ ମନଭାବ ନେଇ ରାଜ୍ୟ ଓ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିବା ପାଇଁ ଉପଦେଶ ଦେଇଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ନୀରିକ୍ଷକ ଭାଗିରଥି ମଲ୍ଲିକ କୃତି ପ୍ରତିଯୋଗୀମାନେ ଓଡିଶା ରାଜ୍ୟସ୍ତରରେ ଯୋଗଦେବେ ବୋଲି ସୂଚାଇଥିଲେ । ସମ୍ମାନିତ ଅତିଥିରୂପେ କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସ୍ୱତନ୍ତ୍ର ଯୋଜନା ଅଧିକାରୀ ଗୁଦ୍ରା ହେମ୍ବ୍ରମ ,କରଞ୍ଜିଆ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ମହମ୍ମଦ ଖଲିଲୁର୍ ରହମାନ ଓ ଉକ୍ତ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ରୀହରି ମଣ୍ଡଳ, ଜିଲ୍ଲା ଓଷ୍ଟା ଶିକ୍ଷକ ସଂଘର



ସଂପାଦକ ଚିତ୍ତରଞ୍ଜନ ପଲତା, ଜିଲ୍ଲା ଶାରୀରିକ ଶିକ୍ଷା ଶିକ୍ଷକ ସଂଘର ଉପସଭାପତି ସନ୍ତୋଷ ମୁଖି ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କୃତ କରିଥିଲେ।ବ୍ୟକ୍ତିଗତ ଚମ୍ପିୟାନ ହିସାବରେ ୧୪ ବର୍ଷରୁ କମ୍ ବାଳକ ବିଭାଗରେ ଖୁଣ୍ଟା ବ୍ଲକ ଅନ୍ତର୍ଗତ ଏକଲବ୍ୟ ମଡେଲ ସ୍କୁଲ, ଧାନଘେରା ର ଛାତ୍ର ଓମ୍ ଯୋଗେନ ମାଝି ଓ ବାଳିକା ବିଭାଗରେ ବାରିପଦା ବ୍ଲକ ଅନ୍ତର୍ଗତ ଖୋଡିଶୋଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାହ୍ଲି ମୁର୍ମୁ ଏବଂ ସେହିପରି ୧୭ ବର୍ଷରୁ କମ୍ ବାଳକ ବିଭାଗରେ ବାରିପଦା ସ୍ଥିତ ଏମ.କେ.ସି. ହାଇସ୍କୁଲ ର ବିରସିଂ ମାଝି ଓ ବାଳିକା ବିଭାଗରେ ଖଡିଶୋଳ ପଞ୍ଚାୟତ ହାଇସ୍କୁଲର ଲିଲିମଣି ସିଂ ଙ୍କୁ ମେଡେଲ ଓ ପୁଷ୍ପଗୁଚ୍ଛ ସହ ପୁରସ୍କୃତ ହୋଇଥିଲେ ।କରଞ୍ଜିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରମାନଙ୍କ ଦ୍ୱାରା ବ୍ୟାଣ୍ଡ କାର୍ଯ୍ୟକ୍ରମ, କରଞ୍ଜିଆ ବାଳିକା ହାଇସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ଉଦଯାପନୀ ସଙ୍ଗୀତ ଓ ନୃତ୍ୟ ,ବିକାଶ କନଭେଣ୍ଟ ସ୍କୁଲର ଛାତ୍ରୀ ଚିତ୍ରାକ୍ଷୀ ସାହୁ ଓଡିଶୀ ନୃତ୍ୟ,ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷିତ ହୋଇଥିଲା । ଅତିଥି ପରିଚୟ ଶିକ୍ଷକ ଦୁର୍ଗାଚରଣ ମହାନ୍ତ,ଧନ୍ୟବାଦ ଅର୍ପଣ ଆୟୋଜକ ହାଇସ୍କୁଲ ର ପ୍ରଧାନଶିକ୍ଷକ ମହମ୍ମଦ ଖଲିଲୁର୍ ରହମାନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଅଫିସିୟାଲ, କରଞ୍ଜିଆ ହାଇସ୍କୁଲ ଓ କରଞ୍ଜିଆ ବାଳିକା ହାଇସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ,ଶିକ୍ଷା କର୍ମଚାରୀ ,ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ମେଡିକାଲ ଟିମ୍, ଦମକଳ ବାହିନୀ,ପୋଲିସ ବାହିନୀ ସହଯୋଗ କରିଥିଲେ ।

## ରାମ ଲିଙ୍ଗେଶ୍ୱର ସେବା ସମବାୟ ସମିତି ପରିଦର୍ଶନ କଲେ ଯୋଗାଣ ଅଧିକାରୀ



**ପାରଳାଖେମୁଣ୍ଡି(ପିଏନ):** ଗଜପତି ଜିଲ୍ଲା ଗୋଶାଣୀ ବ୍ଲକର କେରାଣ୍ଡି ପଞ୍ଚାୟତର ନୂଆ କେରାଣ୍ଡି ଗ୍ରାମରେ ଥିବା ରାମ ଲିଙ୍ଗେଶ୍ୱର ସେବା ସମବାୟ ସମିତି ପରିଦର୍ଶନ କଲେ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଫୁଲ୍ଲକୁମାର ବେହେରା। ଚାଷୀଙ୍କ ଠାରୁ ଧାନ କ୍ରୟ କରିବା ସକାଶେ ଆଜି ଠାରୁ ଟୋକେନ୍ ଦେଇ ମିଲର ମାନେ ଧାନ କ୍ରୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।ଯଥା ଶୀଘ୍ର ଚାଷିଙ୍କ ଧାନ କ୍ରୟ କରିବା ପାଇଁ ରାମ ଲିଙ୍ଗେଶ୍ୱର ସେବା ସମବାୟ ସମିତିର ସମ୍ପାଦକ ଇ. ରାମ ପ୍ରସାଦଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।ତା ସହିତ ସନ୍ତୋସି ମାଆ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଜରିଆରେ ଧାନ ମଧ କ୍ରୟ କରିବା ସକାଶେ ନିର୍ଦ୍ଦେଶ ରହିଛି ।ଚାଷୀଙ୍କ ସମସ୍ୟା ଆସିଲେ ତୁରନ୍ତ ପଦକ୍ଷେପ ନେଇ ସମାଧାନ କରାଯିବ ବୋଲି ଯୋଗାଣ ଅଧିକାରୀ ପ୍ରଫୁଲ୍ଲକୁମାର ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ବିଭିନ୍ନ ପ୍ରାଥମିକ ସେବା ସମବାୟ ସମିତି ପରିଦର୍ଶନ

**ପାରଳାଖେମୁଣ୍ଡି,(ପିଏନ):** ଗଜପତି ଜିଲ୍ଲା ଗୋଶାଣୀ ବ୍ଲକର ବିଭିନ୍ନ ପ୍ରାଥମିକ କୃଷି ସେବା ସମବାୟ ସମିତି ପରିଦର୍ଶନ କଲେ ଏଆରସିଡି ଓ ଏସଏଆରସିଏସ୍। ଗୋଶାଣୀ ବ୍ଲକର ଆର ସୀତା ପୁର, ପାଟି କୋଟା, ଉପଲଡା, ମାଛମରା, କଣ୍ଟ୍ରାଗଡା, ବୋମିକା, ସାଇଲଡା, ଏ ରାଜ ପୁର, ଗୋଶାଣୀ, ଭୂଷକୁଡି, ତାଳସିଙ୍ଗ, ରମ୍ଭା, ଲାବଣ୍ୟଗଡ଼, ଗୁରାଣ୍ଡି, ବଡ଼ କୁତୁରୁ, ଜଙ୍ଗଲପାଡୁ, ରାମ ଲିଙ୍ଗେଶ୍ୱର ଏହି ସମବାୟ ସମିତି ପରିଦର୍ଶନ କରିଛନ୍ତି। ଏହି ସମବାୟ ସମିତି ଗୁଡିକରେ ଧାନ କ୍ରୟ ସକାଶେ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକ ମଧ ଚାଷୀଙ୍କ ଠାରୁ ଧାନ କ୍ରୟ କରିବା ବ୍ୟବସ୍ଥା ରହିଛି। ଯଥା ଶୀଘ୍ର ଚାଷୀଙ୍କୁ ଟୋକେନ୍ ଦେଇ ଧାନ କ୍ରୟ କରିବା ସକାଶେ ଅଧିକାରୀମାନେ ନିର୍ଦ୍ଦେଶ ଦେଇଛନ୍ତି।

## ତୃଣମୂଳ ସ୍ତରରେ ବର୍ଷା:କଥା ଦେଇଥିଲେ, ଲୋକଙ୍କ ସହ ଯୋଡି ହେଉଛନ୍ତି

# ବୃଦ୍ଧି ପାଉଛି ବର୍ଷାଙ୍କର ଲୋକପ୍ରିୟତା

**ବରଗଡ(ପିଏନ) :-** ପଦ୍ମପୁର ଉପନିର୍ବାଚନ ଅନେକ ଗୁଡିଏ କାରଣ କୁ ନେଇ ଗତ ୨୦୨୨ ବର୍ଷ ଗଣମାଧ୍ୟମ ବୋଧହୁଏ ସର୍ବାଧିକ ଚର୍ଚ୍ଚାର ବିଷୟ ପାଲଟି ଯାଇଥିଲା । ପଦ୍ମପୁର ନିର୍ବାଚନ ମଣ୍ଡଳୀର ଭୁତପୂର୍ବ ବିଧାୟକ ଶ୍ରୀ ବିଜୟ ରଞ୍ଜନ ସିଂ ବରିହା ଙ୍କର ବିୟୋଗ ପରେ, ଗଣମାଧ୍ୟମର ହେଡଲାଇନ ପାଲଟି ଯାଇଥିଲା ପଦ୍ମପୁର । ମୁଖ୍ୟତଃ ଉପନିର୍ବାଚନ ପରିଚାଳନା ଦାଇତ୍ୱ , ପଶ୍ଚିମ ଓଡ଼ିଶାର ସର୍ବାଧିକ ଲୋକପ୍ରିୟ ନେତା ପୂର୍ବତନ ମନ୍ତ୍ରୀ ତଥା ଭଟଲି ବିଧାୟକ ଶ୍ରୀ ସୁଶାନ୍ତ ସିଂ ଙ୍କୁ ପ୍ରଦାନ କରାଯିବା ପରେ ହଟାତ ବିରୋଧୀ ମାନଙ୍କର ଭିତରେ ଆଲୋଡନ ସୃଷ୍ଟି ହୋଇ ପଡିଥିଲା । ଯାହାର ଯଥାର୍ଥତା ମଧ ଥିଲା । କାରଣ ଏହା ପୂର୍ବରୁ ବିଜେପୁର ଠାରେ ହୋଇଥିବା ଦୁଇ ଗୋଟି ଉପନିର୍ବାଚନରେ ସୁଶାନ୍ତ ସିଂ ଙ୍କର କାର୍ଯ ଦକ୍ଷତା କାହାରିକୁ ଅଛପା ନଥିଲା । ସେହିଭଳି ଦିବଂଗତ ବିଧାୟକ ଙ୍କର ସୁପୁତ୍ରୀ ବର୍ଷା ରଣୀ ସିଂ ବରିହା ଙ୍କୁ ବିଜୁ ଜନତା ଦଳ ତରଫରୁ ଉପନିର୍ବାଚନ ଲଢ଼ିବା ପାଇଁ ପ୍ରାର୍ଥୀ ଭାବରେ ଘୋଷଣା କରାଯିବା ପରେ ଉଭୟ ଗଣମାଧମ ଓ ବିରୋଧି ମାନଙ୍କ ଭିତରେ ଚର୍ଚ୍ଚାର ମାହୋଲ ଗରମ ହୋଇପଡିଥିଲେ । ଅନେକ ଲୋକ ପ୍ରତକ୍ଷ ଭାବରେ ଅନେକ କଥା କହିଲେ , ବାରମ୍ବାର ବର୍ଷା ଙ୍କୁ ଅତି ତଳ ସ୍ତରକୁ ଯାଇ ବ୍ୟକ୍ତିଗତ ଭାବରେ ହୀନ ବକ୍ତବ୍ୟ ଦେଇ ମାନସିକ ଭାବରେ ପ୍ରତାଡୀତ କରିଥିବାର ଅନେକ ଉଦାହରଣ ରହିଛି। କିଛି ବିରୋଧୀ ଆଶାଳୀନ ମନ୍ତବ୍ୟ ଓ ହୀନ ମାନସିକତା ର ଚରମ ସୀମା ଅତିକ୍ରମ କରି ସ୍ୱର୍ଗତ ବିଜୟ ବାବୁ ଙ୍କର ବାହାଘର ଭୋଜିକୁ ନେଇ ନିର୍ବାଚନୀ ମଞ୍ଚରୁ ବିଦ୍ରୁପ କରି ବର୍ଷାଙ୍କୁ ଟାର୍ଗେଟ କରିଥିଲେ । ଅବଶ୍ୟ ପରବର୍ତୀ ସମୟରେ ପଦ୍ମପୁର ବାସୀ ଙ୍କର ବିପୁଳ ଆଶୀର୍ବାଦ ପାଇ , ସବୁ ବିରୋଧକୁ ଦୃଢ଼ତା ର ସହିତ ମୁକାବିଲା କରି ବର୍ଷା ବିରୋଧି ମାନଙ୍କୁ ନିର୍ବାଚନ ମୈଦାନ ରେ ଧୂଳି ଚଟାଇ ଫମ୍ପା ଭାଷଣ ମାରୁଥିବା ଲୋକଙ୍କୁ ଜବାବ ଦେଇଥିଲେ।

ଉପନିର୍ବାଚନ ରେ ରେକର୍ଡ ବ୍ୟବଧାନ ରେ ବିଜୟ ପରେ ଏହି ବିଜୟ କୁ ପଦ୍ମପୁର ବାସୀଙ୍କର ବିପୁଳ ଭଲପାଇବା ଓ ଆଶୀର୍ବାଦ ବୋଲି କହିଥିଲେ ବର୍ଷା । ସାଧାରଣତଃ ଅନେକ ସ୍ଥାନରେ ଦ୍ୱଖିବାକୁ ମିଳେ ଯେ ନିର୍ବାଚନ ପରେ ନେତା ଅଦୃଶ୍ୟ ହୋଇ ଯାଆନ୍ତି । ହେଲେ ପଦ୍ମପୁର ଉପନିର୍ବାଚନ ରେ ରେକର୍ଡ ଭୋଟ ବ୍ୟବଧାନ ରେ ବିଜୟ ଲାଭ କରିବା ପରେ ବିଧାୟିକା ବର୍ଷା ଏବେ ଗାଁ କୁ ଗାଁ ବୁଲୁଥିବା ଦେଖିବାକୁ ମିଳିଛି। ନିର୍ବାଚନ ପୂର୍ବରୁ ବର୍ଷା ପ୍ରାୟତଃ କହୁଥିଲେ ମୁଁ ଏହି ମାଟିର ଝିଅ , ସାରାଜୀବନ ଆପଣଙ୍କ ପାଖରେ ରହି ଆପଣଙ୍କ ସେବା କରିବି , ବିନା ମୁଦ୍ଦା ରେ ନିର୍ବାଚନ ଲଢୁଥିବା ବିରୋଧୀ ଯଦିଓ ବର୍ଷା ଙ୍କର ଏହି ଉକ୍ତିକୁ ବିରୋଧୀ ମାନେ



ମିଛ ବୋଲି କହି ନିବଚନ ପରେ ବର୍ଷା ପୁରୀ ପଳେଇଯିବେ ବୋଲି ପ୍ରଚାର କରୁଥିବା ଦେଖିବାକୁ ମିଳିଥିଲା , ପଦ୍ମପୁର ବାସୀ କିନ୍ତୁ ବର୍ଷା ଙ୍କର ଉପରେ ବିଶ୍ୱାସ ପ୍ରକଟ କରିଥିଲେ । ଲୋକଙ୍କ ଅମାପ ଭଲପାଇବା ଓ ଆଶୀର୍ବାଦ କାରଣରୁ ବର୍ଷା ବିରୋଧୀ ମାନଙ୍କର ବହୁ ଘାତ ପ୍ରତିଘାତ, ଅପପ୍ରଚାର, ବ୍ୟକ୍ତିଗତ ଆକ୍ଷେପ ସତ୍ୱେ ବିରୋଧୀ ମାନଙ୍କୁ ବହୁ ପଛରେ ପକାଇ ବିଜୟୀ ହୋଇଥିଲେ।

ବର୍ତ୍ତମାନ ମାନ୍ୟବର ବିଧାୟିକା ବର୍ଷା ରାଣୀ ସିଂ ବରିହା ଲୋକଙ୍କ ସହିତ ସିଧାସଳଖ ଯୋଡି ହେବା ପାଇଁ ତାଙ୍କର ସୁଖଦୁଃଖରେ ସହଭାଗୀ ହେବା ପାଇଁ ଗାଁ କୁ ଗାଁ ବୁଲୁଛନ୍ତି । ଏହିକ୍ରମରେ ସେ କ୍ରମାଗତ ଭାବରେ ଝାରବନ୍ଧ , ପାଇକମାଲ ଓ ପଦ୍ମପୁର ବ୍ଲକର ବିଭିନ୍ନ ଗାଁ ମାନଙ୍କୁ ଯାଇ ଲୋକଙ୍କ ସହିତ ପ୍ରତକ୍ଷ ଭାବରେ ମିଶିବା ସହିତ ରାଜ୍ୟ ସରକାର ଙ୍କର ଦ୍ୱାରା ଜାରି ରହିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯର ତଦାରଖ ମଧ କରୁଛନ୍ତି । ସରକାରୀ ବିଧିବ୍ୟବସ୍ଥା ଭିତରେ ଲୋକେ କେମିତି ସବୁ ସରକାରୀ ଯୋଜନାର ଲାଭ ପାଇବେ ଓ ଉନ୍ନୟନ ମୂଳକ କାମ ହୋଇ ପାରିବ ଏଥିପ୍ରତି କ୍ରମାଗତ ପ୍ରୟାସ ଜାରି ରଖିଛନ୍ତି ବର୍ଷା । ଇତି ମଧରେ ଉପନିର୍ବାଚନ ପରେ ବର୍ଷା ଙ୍କର ଲୋକପ୍ରିୟତା କାହିଁରେ କେତେ ବୃଦ୍ଧି ପାଇବାରେ ଲାଗିଛି । ନିଜର ସରଳତା ଓ ଆତ୍ମୀୟ ବ୍ୟବହାର କାରଣରୁ ବର୍ଷା ସମସ୍ତ ଙ୍କର ପ୍ରିୟପାତ୍ର ହେବାରେ ଲାଗିଛନ୍ତି ଏଥିରେ ସନ୍ଦେହ ନାହିଁ । ମୁଖ୍ୟତଃ ଯୁବସମାଜ ଓ ମହିଳା ମାନେ ନିଜ ଦ୍ୱାରା ନିର୍ବାଚିତ ବିଧାୟିକା ଙ୍କୁ ଦେଖିବା ପାଇଁ ଓ ତାଙ୍କ ସହିତ ଦୁଇ ପଦ କଥା ହେବା ପାଇଁ ପ୍ରତ୍ୟେକ ଗାଁ ରେ ପ୍ରବଳ ସଂଖ୍ୟାରେ ଏକତ୍ରିତ ହୋଇପଡୁଛନ୍ତି । ଯୁବତୀ ମାନଙ୍କ ଉତ୍ସାହ କହିଲେ ନ ସରେ । ଏମିତିକି ଛୋଟ ଛୋଟ ପିଲାମାନେ ମଧ ବର୍ଷା ନାନୀ ବୋଲି କହି ପାଖକୁ ଧାଇଁ ଆସୁଥିବା ଚିତ୍ର ଦେଖିବାକୁ ମିଳୁଛି । ବର୍ଷା ମଧ ସମସ୍ତ ଙ୍କୁ ଯଥା ମାନ୍ୟ ଜଣାଇ ପାଖକୁ ଟାଣି ନେଇ ସେମାନଙ୍କର କଥା ଶୁଣୁଥିବା ଦେଖିବାକୁ ମିଳୁଛି । ଏକଥା ମଧ ସତ ଯେ ବିରୋଧୀ ତ ବିରୋଧ କରିବେ ଏଥିରେ ଦ୍ୱିମତ ନାହିଁ କିନ୍ତୁ ବିଗତ କିଛିଦିନ ମଧରେ ବର୍ଷା ଙ୍କର ଲୋକପ୍ରିୟତା ଢେର ବଢିଛି । ମୁଖ୍ୟତଃ ଦେଶର ଭବିଷ୍ୟତ ଅର୍ଥାତ ଯୁବସମାଜ ଓ ମହିଳା ମାନଙ୍କ ମଧରେ ବର୍ଷା ଅଧିକ ଗ୍ରହଣୀୟ ହୋଇ ପାରିଛନ୍ତି ଏଥିରେ ସନ୍ଦେହ ନାହିଁ।

## ଦାଶ ବେନହୁରଙ୍କୁ 'ପୀତାମ୍ବର ମିଶ୍ର ସାରସ୍ୱତ ସମ୍ମାନ'

# ଐତିହ୍ୟ ଓ ପରମ୍ପରା ଆଧାରରେ ସୃଷ୍ଟି ସାହିତ୍ୟ କାଳଜୟୀ: ରାଜ୍ୟପାଳ

**କଟକ(ପିଏନ):** ସ୍ରଷ୍ଟାଙ୍କ ସାରସ୍ୱତ କୃତିକୁ ପାଠକଙ୍କ ପାଖରେ ପହଞ୍ଚାଇ ସାହିତ୍ୟକୁ ସମୃଦ୍ଧ କରିବାରେ ପ୍ରକାଶକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଐତିହ୍ୟ ଓ ପରମ୍ପରାକୁ ଆଧାର କରି ସୃଷ୍ଟି ହେଉଥିବା ସାହିତ୍ୟ କାଳଜୟୀ ହୋଇଥାଏ। ସୁସାହିତ୍ୟ ସୃଷ୍ଟି କରିବାରେ ପ୍ରକାଶକଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି ବୋଲି କହିଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍। 'ପୀତାମ୍ବର ମିଶ୍ର ଫାଉଣ୍ଡେସନ' ପକ୍ଷରୁ ସାରଳା ଭବନରେ ଆୟୋଜିତ ପ୍ରକାଶକ-ସାରସ୍ୱତ ସାଧକ ପୀତାମ୍ବର ମିଶ୍ରଙ୍କ ସ୍ମୃତି ସମାରୋହକୁ ଉଦ୍‌ଘାଟନ କରିଥିଲେ ରାଜ୍ୟପାଳ ପ୍ରଫେସର ଲାଲ୍। ଏହି ଅବସରରେ ସେ କହିଥଲେ ଯେ, ପୀତାମ୍ବର ମିଶ୍ର ବିଦ୍ୟାପୁରୀ ପ୍ରକାଶନ ସଂସ୍ଥା ମାଧ୍ୟମରେ ବହୁ ଲେଖକଙ୍କୁ ପ୍ରେରଣା ଓ ପ୍ରୋତ୍ସାହନ ଦେବାସହିତ ଓଡିଆ ସାହିତ୍ୟର ପ୍ରଚାର ଓ ପ୍ରସାର ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଏଥିପାଇଁ ସେ ଅନ୍ୟମାନଙ୍କ ପାଇଁ ଉଦାହରଣ। କବିତା, ଗଳ୍ପ, ଉପନ୍ୟାସ ଆଦି ସାହିତ୍ୟରେ ସତ୍ୟତା ଓ ମାନବିକ ମୂଲ୍ୟବୋଧ ନ ଥିଲେ,



ତାହା ସାହିତ୍ୟ ପଦବାଚ୍ୟ ନୁହେଁ ବୋଲି ରାଜ୍ୟପାଳ ପ୍ରଫେସର ଲାଲ୍ ମତବ୍ୟକ୍ତ କରିଥିଲେ।

କାର୍ଯ୍ୟକ୍ରମରେ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ପ୍ରଫେସର ଡ. ବିଜୟାନନ୍ଦ ସିଂହ କହିଥିଲେ, ପୀତାମ୍ବର ମିଶ୍ର ସ୍ୱାଧୀନତା ପରବର୍ତ୍ତୀ ଓଡିଆ ପ୍ରକାଶନ ଜଗତକୁ ଦିଗ୍‌ଦର୍ଶନ ଦେବାସହିତ ପାଠକ ଆନ୍ଦୋଳନକୁ ପରିପୁଷ୍ଟ କରିଥିଲେ। ସାମାରୋହରେ ଯୋଗଦେଇ ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ଡକ୍ଟର ଇଞ୍ଜିନିୟର ପ୍ରଭାକର ସ୍ୱାଇଁ କହିଥିଲେ ଯେ ପୀତାମ୍ବରବାବୁ ଥିଲେ ଜ୍ଞାନଦୀପ୍ତ ପ୍ରକାଶକ। ଏଥିସହିତ, ତାଙ୍କୁ ସେ ଜଣେ କର୍ମଯୋଗୀ ଓ ବଦାନ୍ୟ ବ୍ୟକ୍ତି ଭାବେ ବର୍ଣ୍ଣନା କରିଥିଲେ। ସମ୍ବର୍ଦ୍ଧିତ ପ୍ରତିଭା ଦାଶ ବେନହୁର କହିଥିଲେ, ସାହିତ୍ୟ ସୃଷ୍ଟିରେ ପ୍ରକାଶକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ପୀତାମ୍ବରବାବୁ ସାହିତ୍ୟର ବିଭିନ୍ନ ବିଭାଗର ପୁସ୍ତକ ପ୍ରକାଶ କରି ପ୍ରକାଶନ ଜଗତରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛନ୍ତି ବୋଲି କଥାକାର ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ତାଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ 'ପୀତାମ୍ବର ମିଶ୍ର ସାରସ୍ୱତ ସମ୍ମାନ' ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ୫୦ ହଜାର ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା।

ଏହା ବ୍ୟତୀତ ସାମାଜିକ ଅନୁଷ୍ଠାନ 'ବସୁନ୍ଧରା'କୁ 'ସମାଜସେବା ସମ୍ମାନ' ପ୍ରଦାନ କରାଯାଇଥିଲା। 'ବସୁନ୍ଧରା' ପରିଚାଳିକା ଶୈଳ ବେହେରା ଏହି ସମ୍ମାନ ଗ୍ରହଣ କରିଥିଲେ। ଏହି ପୁରସ୍କାର ସ୍ୱରୂପ ୩୦ ହଜାର ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉତ୍ତରୀୟ ଦିଆଯାଇଥିଲା। ସେହିପରି 'ବସୁନ୍ଧରା'ର ସ୍ନିଗ୍ଧା ବିଶ୍ୱାଳଙ୍କୁ ସମ୍ମାନଜନକ 'ଉମାଦେବୀ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ତାଙ୍କୁ ୧୦ ହଜାର ଟଙ୍କା, ମାନପତ୍ର ଓ ଉତ୍ତରୀୟ ଦିଆଯାଇଥିଲା। ଉତ୍ସବରେ ଲେଖିକା ଡକ୍ଟର କବିତା ବାରିକଙ୍କ ରଚିତ ତଥା 'ବିଦ୍ୟାପୁରୀ ଦ୍ୱାରା ପ୍ରକାଶିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ'ଙ୍କ ଜୀବନୀ ଗ୍ରନ୍ଥ 'ରାଇରଙ୍ଗପୁରରୁ ରାଇସିନା'କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉନ୍ମୋଚନ କରିଥିଲେ। ପୀତାମ୍ବର ମିଶ୍ରଙ୍କ କନ୍ୟା ଡକ୍ଟର ସୁନନ୍ଦା ମିଶ୍ର ସ୍ୱାଗତ ଭାଷଣ ଦେବାସହ ଫାଉଣ୍ଡେସନର ଆଭିମୁଖ୍ୟ ସଂପର୍କରେ କହିଥିବା ବେଳେ ପୀତାମ୍ବର ମିଶ୍ରଙ୍କ ପୁତ୍ର ଜୀବାନନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ। ସାହିତ୍ୟିକ ବିଜୟ ମଲ୍ଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗୋପା ଦାସ, ଡକ୍ଟର ବିରଞ୍ଚି ସାହୁ, ଇଞ୍ଜିନିୟର ସୁଶାନ୍ତ ସେଠୀ, ତପସ୍ୱିନୀ ରଣସିଂହ, ବିଭୁପ୍ରସାଦ ରାଉତ, ବ୍ରଜକିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପଶ୍ଚିମ ଓଡିଶାକୁ ପ୍ରଧାନମନ୍ତ୍ରୀ ଆବାଶ ଯୋଜନାରେ ୧୦ ଲକ୍ଷ ଘର ଦିଆଯାଉ

**ବଲାଙ୍ଗିର(ପିଏନ):** ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପଶ୍ଚିମ ଓଡିଶାକୁ ସ୍ୱତନ୍ତ୍ର ଭାବେ ୧୦ ଲକ୍ଷ ଘର ଦିଆଯାଉ ବୋଲି ଆଜି ସ୍ଥାନୀୟ ସାମ୍ବାଦିକ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦାବୀ କରିଛି କୋଶଲ ରାଏଜ ମୁକ୍ତି ମୋର୍ଚ୍ଚା (କେଏମ୍ ଏମ୍) । କୁହାଯାଇଛି ଯେ, ପଶ୍ଚିମ ଓଡିଶା ପ୍ରାୟ ସମସ୍ତ କ୍ଷେତ୍ରରେ ଅବହେଳିତ, ଶୋଷିତ ହୋଇଆସୁଛି । ପ୍ରାୟ ୨ କୋଟି ଲୋକ ବସବାସ କରୁଥିବା ଏହି ଅଞ୍ଚଳ ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ଶୋଷଣ କରି ଆସୁଛନ୍ତି, ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଂଟନରେ ପାତର ଅନ୍ତର । କେଏମ୍‌ଏମ୍ ପକ୍ଷରୁ ଏହି ସାମ୍ବାଦିକ ସମ୍ମିଳନୀ ରେ ଆହୁରି କୁହାଯାଇଛି ଯେ, ବିଗତ ଆର୍ଥିକ ବର୍ଷ ୨୦୨୦-୨୧ରେ କେନ୍ଦ୍ର ସରକାରଙ୍କ ତରଫରୁ ଓଡିଶାକୁ ୮ ଲକ୍ଷ ୧୭ ହଜାର ଆବାସ ଘର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଯୋଗାଇ ଦିଆଯାଇଥିବା ବେଳେ ପଶ୍ଚିମ ଓଡିଶା ଏହି ଯୋଜନାରୁ ବଂଚିତ ହୋଇଥିଲା । ୮ ଲକ୍ଷ ୧୭ ହଜାର ଘରକୁ ବନ୍ୟା ବାତ୍ୟା କାରଣ ଦର୍ଶାଇ କେବଳ ଉପକୂଳ ଓଡିଶାରେ ବଂଟନ କରାଯାଇ ପଶ୍ଚିମ ଓଡିଶାକୁ ତା' ଅଧିକାରରୁ ବଂଚିତ କରାଯାଇଥିଲା । ପଶ୍ଚିମ ଓଡିଶାର ପ୍ରାୟ ୮ଟି ଜିଲ୍ଲା ବଲାଙ୍ଗିର, ବରଗଡ, କଳାହାଣ୍ଡି, ସମ୍ବଲପୁର, ବୌଦ୍ଧ, ସୁନ୍ଦରଗଡ, ଝାରସୁଗୁଡା ଓ ଦେବଗଡ ଜିଲ୍ଲାକୁ ଏହି ଯୋଜନାରେ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଥିଲା, ଯାହା ଅଂଚଳ ପ୍ରତି ସରକାରୀ ଉଦାସୀନତାକୁ ସ୍ପଷ୍ଟ କରିଛି । ଏଠାରେ ଆହୁରି କୁହାଯାଇଛି ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହେଉଛି ଭାରତ ବର୍ଷର ଏକ ଲୋକାଭିମୂଖୀ ଯୋଜନା । ୨୦୨୪ ସୁଦ୍ଧା ସମସ୍ତଙ୍କୁ ଘର ଯୋଗାଇ ଦେବା ଉଦ୍ଦେଶ୍ୟରେ ଏବେ ଭାରତ ସରକାର ଏହି ଯୋଜନା ମୁତାବକ କାମ କରୁଛନ୍ତି । ଏପଟେ ଓଡିଶାର ମୁଖ୍ୟମନ୍ତ୍ରୀ କେନ୍ଦ୍ର ତରଫରୁ ଆସୁଥିବା ସମସ୍ତ ଯୋଜନାକୁ କେବଳ ଉପକୂଳ ଅଞ୍ଚଳର ବିକାଶ ଦିଗରେ ଲଗାଇ ପଶ୍ଚିମ ଓଡିଶାକୁ ଅଣଦେଖା କରୁଛନ୍ତି । ବିଗତ ୩ ବର୍ଷ ଧରି ପଶ୍ଚିମ ଓଡିଶା ଏହି ଯୋଜନା ମାଧ୍ୟମରେ ଘର ଖଣ୍ଡିଏ ପାଉନଥିବା ବେଳେ ଏହାକୁ ନେଇ ପଶ୍ଚିମ ଓଡିଶା ସାରା ଅନେକ ଆନ୍ଦୋଳନ ମଧ ହୋଇସାରିଛି । ପ୍ରାୟ ୧ ହଜାର କିଲୋମିଟର ବ୍ୟାପି ପଦଯାତ୍ରା କରାଯାଇ ଏହି ଦାବୀ ଉପସ୍ଥାପନ କରାଯାଇଥିଲେ ସୁଦ୍ଧା ପଶ୍ଚିମ ଓଡିଶାବାସୀ କୌଣସି ସୁଫଳ ପାଇପାରି ନାହାନ୍ତି । ତେବେ ଚଳିତ ଆର୍ଥିକ ବର୍ଷରେ କେବଳ ପଶ୍ଚିମ ଓଡିଶା ପାଇଁ ସ୍ୱତନ୍ତ୍ର ଭାବରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରାୟ ୧୦ ଲକ୍ଷ ଘରର ବ୍ୟବସ୍ଥା କରାଯାଉ ଓ ଏହି ଅଂଚଳର ଜନ ଭାବନାକୁ ଦୃଷ୍ଟିରେ ରଖି ଏହି ଦାବୀକୁ ନିଜ ନିଜ ମାଧ୍ୟମରେ ପଶ୍ଚିମ ଓଡିଶାର ସମସ୍ତ ସାଂସଦ ଓ ବିଧାୟକ ମଧ ଦାବୀ ଉପସ୍ଥାପନ କରନ୍ତୁ ବୋଲି କେଏମ୍‌ଏମ୍ ମତ ଦେଇଛି। କେଏମ୍‌ଏମ୍ ପକ୍ଷରୁ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ସଂଗଠନର ସମ୍ପାଦକ ସିପୁନ ଖମାରୀ, ଉପସଭାପତି ଗଣେଶ ସାହୁ, ସମ୍ପାଦକ ଲୋକେଶ ଭୋଇ, ଜିଲ୍ଲା ସଭାପତି ବିକାଶ ସା, କଂଟାବାଞ୍ଜି ସଭାପତି ବିଭୁ ଜାଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଖେଳ




Bhubaneswar Friday January 13, 2023 ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୩,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮




ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ଏକ ଉଇକେଟ ନେବା ଅବସରରେ ଭାରତର କୁଲଦୀପ ଯାଦବ

## ତାଲିବାନ ପାଇଁ ଆଫଗାନ ସହ ଦିନିକିଆ ସିରିଜ ବାତିଲ କଲା ଅଷ୍ଟ୍ରେଲିଆ

**ମେଲବର୍ଣ୍ଣ:** ତାଲିବାନର ମହିଳା ବିରୋଧୀ ଆଭିମୁଖ୍ୟ ପାଇଁ ବଡ ନିଷ୍ପତ୍ତି ନେଇଛି କ୍ରିକେଟ ଅଷ୍ଟ୍ରେଲିଆ। ଚ଼ଳିତ ବର୍ଷ ମାର୍ଚ୍ଚ ମାସରେ ଆଫଗାନିସ୍ତାନ ବିପକ୍ଷରେ ହେବାକୁ ଥିବା ୩ଟିକିଆ ଦିନିକିଆ ସିରିଜ୍‌କୁ ଅଷ୍ଟ୍ରେଲିଆ ବାତିଲ କରି ଦେଇଛି। ଦୁଇ ଦେଶ ମଧ୍ୟରେ ୟୁଏଇରେ ଏହି ସିରିଜ୍ ଖେଳାଯିବାର ଥିଲା।

କିନ୍ତୁ ତାଲିବାନ ସରକାର ମହିଳା ଓ ଝିଅମାନଙ୍କ ଶିକ୍ଷା ଏବଂ ଚ଼ାକିରି ଉପରେ କଟକଣା ଲଗାଉଥିବାରୁ କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ଆଫଗାନ ସହ କ୍ରିକେଟ ସିରିଜ୍‌?କୁ ବାତିଲ କରାଯାଇଛି।

ଆଇସିସି ଦିନିକିଆ ସୁପର ଲିଗ୍ ପଏଣ୍ଟ ଦୃଷ୍ଟିରୁ ଏହି ସିରିଜ ଉଭୟ ଦେଶ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ ଥିଲା। କିନ୍ତୁ କ୍ରିକେଟ ଅଷ୍ଟ୍ରେଲିଆ ଖେଳିବାକୁ ମନା କରିବାରୁ ଆଫଗାନିସ୍ତାନକୁ ସମସ୍ତ ୩୦ ପଏଣ୍ଟ ମିଳିବ।



କ୍ରିକେଟ ଅଷ୍ଟ୍ରେଲିଆ ଗୋଟିଏ ବିବୃତି ଜାରି କରି କାହିଁକି ଏପରି ନିଷ୍ପତ୍ତି ନିଆଗଲା ତା'ର ବିସ୍ତୃତ ସୂଚ଼ନା ଦେଇଛି। ଏଥିସହ ଆଫଗାନ ସମେତ ସାରା ବିଶ୍ୱରେ ଉଭୟ ପୁରୁଷ ଓ ମହିଳାଙ୍କ କ୍ରୀଡାର ବିକାଶ ପାଇଁ କ୍ରିକେଟ ଅଷ୍ଟ୍ରେଲିଆ ପ୍ରତିଶ୍ରୁତିବଦ୍ଧ ବୋଲି କହିଛି। ଏହାବାଦ କ୍ରିକେଟ ଅଷ୍ଟ୍ରେଲିଆ ଆଫଗାନିସ୍ତାନରେ ମହିଳା ଓ ଝିଅମାନଙ୍କ ସ୍ଥିତିରେ ସୁଧାର ଆଣିବା ଦିଗରେ ଆଫଗାନ କ୍ରିକେଟ ବୋର୍ଡ ସହ ନିୟମିତ ଭାବେ କଥା ହୋଇଛି। ଏ କ୍ଷେତ୍ରରେ ସମର୍ଥନ ପାଇଁ କ୍ରିକେଟ ଅଷ୍ଟ୍ରେଲିଆ ନିଜ ଦେଶର ସରକାରଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛି।

ଆଇସିସି ସିଇଓ ଜେଫ ଆଲର୍ଡିକେ ମଧ୍ୟ ଆଫଗାନିସ୍ତାନରେ ବର୍ତ୍ତମାନ ମହିଳାଙ୍କ ସହ ଘଟୁଥିବା ଘଟଣାକୁ ନେଇ ଚ଼ିନ୍ତିତ ବୋଲି ସ୍ୱୀକାର କରିଛନ୍ତି। ଏଥିସହ ମାର୍ଚ୍ଚ ମାସରେ ହେବାକୁ ଥିବା ବୋର୍ଡ ବୈଠକରେ ଏ ପ୍ରସଙ୍ଗ ଉଠିବ ବୋଲି ସେ କହିଛନ୍ତି।

ଆଫଗାନିସ୍ତାନ ଆଇସିସିର ଏକମାତ୍ର ପୂର୍ଣ୍ଣ ସଦସ୍ୟ ରାଷ୍ଟ୍ର, ଯାହାର ମହିଳା ଟିମ ନାହାନ୍ତି। ସେହିପରି ଶନିବାର ଆରମ୍ଭ ହେବାକୁ ଥିବା ଅଣ୍ଡର ୧୯ ମହିଳା ଟି-୨୦ ବିଶ୍ୱକପରେ ମଧ୍ୟ ଆଫଗାନିସ୍ତାନ ଭାଗ ନେଇନି।

## ବେଦାନ୍ତ ଝାରସୁଗୁଡ଼ା ପକ୍ଷରୁ ପୁରୁଷ ଏଫଆଇଏଚ ହକି ବିଶ୍ୱ କପ ୨୦୨୩ ଉପଲକ୍ଷେ ଉତ୍ସାହୀ କ୍ରୀଡ଼ା କାର୍ଯ୍ୟକ୍ରମ ଆୟୋଜନ

**ଭୁବନେଶ୍ୱର,ପିଏନ) :** ଭାରତର ବୃହତ ଆଲୁମିନିୟମ ଉତ୍ପାଦକ, ବେଦାନ୍ତ ଆଲୁମିନିୟମ ଓଡ଼ିଶାରେ ଆୟୋଜିତ ପୁରୁଷ ଏଫଆଇଏଚ ହକି ବିଶ୍ୱ କପ ୨୦୨୩ ପୂର୍ବରୁ ବନ୍ଧୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଂଟରେ କ୍ରୀଡ଼ା ପ୍ରେମୀମାନଙ୍କୁ ଉତ୍ସାହିତ କରିବା ଲାଗି ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ସହିତ ସହଭାଗୀ ହୋଇଥିଲା। ଏହି ଅଂଚଳରେ କ୍ରୀଡ଼ାର ପ୍ରସାର ସହିତ ଲୋକପ୍ରିୟ ଚାହିଦା ଅନୁଯାୟୀ ବେଦାନ୍ତ ମିଡୋସ କ୍ରିକେଟ ପଡ଼ିଆରେ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ଦ୍ୱାରା ଦୁଇ ଦିନିଆ କ୍ରିକେଟ ଟୁର୍ଣ୍ଣମେଂଟ ଆୟୋଜିତ ହୋଇଥିଲା।



ଏହି ଟୁର୍ଣ୍ଣାମେଂଟକୁ ଉଦଘାଟନ କରିଥିଲେ ଶ୍ରୀ ରହୁଲ ଜୈନ, ସୁପରିଟେଣ୍ଡେଂଟ ଅଫ ପୋଲିସ (ଝାରସୁଗୁଡ଼ା), ଶ୍ରୀମତୀ ଆଲୋମନି ସେଠୀ, ପ୍ରକଳ୍ପ ନିର୍ଦ୍ଦେଶକ ରିସେଟଲମେଂଟ ଓ ରହାବିଲିଟେସନ (ଆର ଆଣ୍ଡ ଆର), ଶ୍ରୀ ଜୀବନ ମହାନ୍ତି, ସଭାପତି-ଓଡ଼ିଶା ହକି ସଂଘ, ଶ୍ରୀ ସୁସିଲ କୁମାର ମିଶ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ଓ ଇନିସପେକ୍ଟର ଇନଚାର୍ଜ କୋଲାବିରା ଓ ବଡ଼ମାଲ ବ୍ଲକ।

ଏହି ଟୁର୍ଣ୍ଣାମେଂଟରେ ୪ଟି ଟିମ ଅଂଶଗ୍ରହଣ କରିଥିଲେ, ୧୨ ଓଭର ମ୍ୟାଚ ଖେଳାଯାଇଥିଲା। ପ୍ରଶାସନ ୧୧ (ଜିଲ୍ଲା ପ୍ରଶାସନ) ପୋଲିସ ଏକାଦଶ (ପୋଲିସ ପ୍ରଶାସନ), ମିଡିଆ ୧୧ (ଝାରସୁଗୁଡ଼ାର ମିଡିଆ ହାଉସ) ଏବଂ କର୍ପୋରେଟ ୧୧ (ବେଦାନ୍ତ ଝାରସୁଗୁଡ଼ା, ମହାନଦୀ କୋଲ ଫିଲଡସ ଲିମିଟେଡ,ଓପିଜିସି ଓ ଟିଆରଏଲ କୋସାକି ରିଫ୍ରାକ୍ଟୋରିଜ ଲିମିଟେଡର କର୍ମଚାରୀ) ଥିଲେ। ଅନ୍ତିମ ମ୍ୟାଚ କର୍ପୋରେଟ ୧୧ ଓ ପୋଲିସ ଏକାଦଶ ମଧ୍ୟରେ ଖେଳାଯାଇଥିଲା ଓ ପୋଲିସ ଏକାଦଶ ଦଳ ବିଜେତା ହୋଇଥିଲା।

ଗ୍ରାଣ୍ଡ ଫାଇନାଲରେ ଯୋଗ ଦେଇ ଶ୍ରୀ ସୁନୀଲ ଗୁପ୍ତା, ସିଇଓ-ବେଦାନ୍ତ ଲିଃ ଝାରସୁଗୁଡ଼ା କହିଛନ୍ତିଯେ ଅଧିକାଂଶ ହକି ଖେଳାଳୀମାନେ ଏହି ଅଂଚଳର। ଯୁବକ ମାନଙ୍କ ସାମଗ୍ରିକ ବିକାଶ ଓ କ୍ରୀଡ଼ା ପ୍ରତି ଆଗ୍ରହ ହେତୁ ଝାରସୁଗୁଡ଼ା ଓ ନିକଟବର୍ତ୍ତି ଅଂଚଳରରେ କ୍ରୀଡ଼ା ସଂସ୍କୃତିର ପ୍ରତିପୋଷଣ ପାଇଁ ଆମେ ଚେଷ୍ଟା କରୁଛୁ। ପୁରୁଷ ଏଫଆଇଏଚ ହକି ବିଶ୍ୱ କପ ୨୦୨୩ ଆଗରେ, ବିଶ୍ୱରେ ଏକ ବଡ଼ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବାରେ ଆମେ ଜିଲ୍ଲା ପ୍ରଶାସନକୁ ସମର୍ଥନ କରି ଆମେ ଆନନ୍ଦିତ।

ବିଜୟୀ ଦଳକୁ ଅଭିନନ୍ଦନ ଜଣାଇ ଶ୍ରୀ ରାହୁଲ ଜେନା ପୋଲିସ ଅଧିକ୍ଷକ ଝାରସୁଗୁଡ଼ା କହିଛନ୍ତିଯେ କ୍ରିକେଟ ଟୁର୍ଣ୍ଣାମେଂଟ ସମସ୍ତଙ୍କ ପାଇଁ ଏକ ମଜାଦାର ଖେଳ। ଏହି ଅବସରରେ ପୁରୁଷ ଏଫଆଇଏଚ ହକି ବିଶ୍ୱ କପ ୨୦୨୩ ପାଇଁ ଏକ ସ୍ୱତନ୍ତ୍ର ସଚେତନତା ଓ ଉତ୍ସାହ ସୃଷ୍ଟିରେ ଏହା ସାହାଯ୍ୟ କରିଛି। ଆମକୁ ବେଦାନ୍ତ ପକ୍ଷରୁ ସହାୟତା ପାଇଁ ଧନ୍ୟବାଦ।

ଟୁର୍ଣ୍ଣାମେଂଟ ଆୟୋଜନ ପାଇଁ ବେଦାନ୍ତର ସହଯୋଗକୁ ଧନ୍ୟବାଦ ଜଣାଇ ଶ୍ରୀମତୀ ଆଲୋମନି ସେଠୀ କହିଥିଲେଯେ-ପୁରୁଷ ଏଫଆଇଏଚ ହକି ବିଶ୍ୱ କପ ୨୦୨୩ ଆମ ଓଡ଼ିଶା ପାଇଁ ଏକ ଗୌରବ। ଏହା ଓଡ଼ିଶା ପାଇଁ ଏକ ବଡ଼ କ୍ରୀଡ଼ା ଇଭେଂଟ।

ଶ୍ରୀ ଜୀବନ ମହାନ୍ତି, ଉପ ସଭାପତି, ଓଡ଼ିଶା ହକି ସଂଘ କହିଥିଲେ ଯେ-ଓଡ଼ିଶା ବହୁ ହକି ଖେଳାଳୀଙ୍କୁ ଜନ୍ମ ଦେଇଛି। ଆଗାମୀ ପୁରୁଷ ଏଫଆଇଏଚ ହକି ବିଶ୍ୱ କପ ୨୦୨୩ କ୍ରୀଡ଼ା ଇଭେଂଟ ସେମାନଙ୍କ ପାଇଁ ଏକ ବଳିଷ୍ଠ ପ୍ଲାଟଫର୍ମ। ଏହି ଅଂଚଳରେ କ୍ରୀଡ଼ା ସଚେତନତା ସୃଷ୍ଟି ପାଇଁ ମୁଁ ବେଦାନ୍ତକୁ ଧନ୍ୟବାଦ ଜଣାଉଛି।ବେଦାନ୍ତ ଆଲୁମିନିୟମ ଉତ୍ପାଦନ କରିବାରେ ଭାରତର ବୃହତମ ଉତ୍ପାଦକ ଓ ଆର୍ଥିକ ବର୍ଷ ୨୨ରେ ୨.୨୭ ମିଲିୟନ ଟନ ଆଲୁମିନିୟମ ଉତ୍ପାଦନ କରୁଛି। ଏହା ମୂଲ୍ୟଯୁକ୍ତ ଉତ୍ପାଦ ସୃଷ୍ଟିରେ ଅଗ୍ରଣୀ ଉତ୍ପାଦକ।

ବେଦାନ୍ତ ଆଲୁମିନିୟମର ର୍ୟାଙ୍କ ଡାଓ ଜୋନସ ସସଟାନବିଲିଟି ଇଣ୍ଡେକ୍ସ ୨୦୨୧ରେ ୪ର୍ଥ ର୍ୟାଙ୍କ ଧାରୀ ଓ ସ୍ଥାୟୀ ବିକାଶ ଅବଲମ୍ବନକାରୀ ସଂସ୍ଥା। ଅତ୍ୟାଧୁନିକ ସୁବିଧା, ଦକ୍ଷ ଇଂଜିନିୟରିଂ ଶକ୍ତି, ଆର ଆଣ୍ଡ ଡି ଓ ଅଭିନବ ଦକ୍ଷତାକୁ ନେଇ ଏକ ସବୁଜ ଭବିଷ୍ୟତ ପାଇଁ ମେଟାଲ ଅଫ୍ ଦି ଫ୍ୟୁଚର ଭାବରେ ଆଲୁମିନିୟମର ପ୍ରୟୋଗକୁ ପ୍ରସାରିତ କରିବା ପାଇଁ କମ୍ପାନୀ ତାର ଲକ୍ଷ୍ୟ ପୂରଣ କରୁଛି।

## ଯୁବ ରେଡକ୍ରସ, ଓଡିଶା ପକ୍ଷରୁ ଜାତୀୟ ଯୁବ ଦିବସ ପାଳିତ

ଭୁବନେଶ୍ୱର, (ପିଏନ)-ଜାତୀୟ ଯୁବ ଦିବସ ଉପଲକ୍ଷେ ଭାରତୀୟ ରେଡ଼କ୍ରସ୍, ଓଡିଶା ରାଜ୍ୟ ଶାଖାର ଯୁବ ରେଡକ୍ରସ ତରଫରୁ ଭାରତୀୟ ରେଡକ୍ରସ୍, ଓଡିଶା ରାଜ୍ୟ ଶାଖାର ଅବୈତନିକ ସଚିବ ବିଭୁତି ଭୁଷଣ ପଟ୍ଟନାୟକ, ଭା.ପ୍ର.ସେ.ଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ସ୍ଥାନୀୟ ରେଡ଼କ୍ରସ୍ ଭବନଠାରେ ଆୟୋଜିତ ହୋଇଯାଇଅଛି । ଏହି ସଭାକୁ ଶ୍ରୀ ଆକାଶ ଦାସ୍‌ନାୟକ. ଚେୟାରମାନ, ମୋ କଲେଜ ଅଭିଯାନ ମୁଖ୍ୟ ଅତିଥିରୂପେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସେ ତାଙ୍କ ଅଭିଭାଷଣରେ କହିଲେ ଯେ ସ୍ୱପ୍ନ ଦେଖ, ସ୍ୱପ୍ନ କୁ ସାକାର କରିବା ପାଇଁ କଠିନ ପରିଶ୍ରମ କର । ଏହି ସମୟରେ ବହୁ ଉତ୍‌ଥାନ ପତନ ଆସିବ । କିନ୍ତୁ ହାର ନ ମାନି ନିଜ ଲକ୍ଷ୍ୟ ସାଧନ ନିମନ୍ତେ ଅଗ୍ରସର ହୁଅ। ଅନ୍ୟତମ ଅତିଥିଭାବେ ଭାରତୀୟ ରେଡକ୍ରସ୍ ସୋସାଇଟି, ଓଡିଶା ରାଜ୍ୟ ଶାଖାର ଅବୈତନିକ ସଚିବ ବିଭୁତି ଭୁଷଣ ପଟ୍ଟନାୟକ ଜାତୀୟ ଯୁବ ଦିବସର ମହ□ ବିଷୟରେ ବିସ୍ତୃତ ଭାବେ ଆଲୋକପାତ କରିବା ସହିତ ରେଡ଼କ୍ରସ୍‌ର ବିଭିନ୍ନ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ମାନଙ୍କର ଅବଦାନକୁ ଭୁୟସୀ ପ୍ରଶଂସା କରିଥିଲେ। ଏକ ସୁସ୍ଥ, ସୁନ୍ଦର ଓ ସୁଦୃଢ ସମାଜ ଗଠନ ଦିଗରେ ପରିବ□ନର ବାହକ ହେବାପାଇଁ ସେ ସ୍ୱେଚ୍ଛାସେବୀମାନଙ୍କୁ ଆହ୍ୱାନ ଦେଇଥିଲେ । ଯୁବ ରେଡକ୍ରସ ଅଧିକାରୀ ଡଃ ରମେଶ ଚନ୍ଦ୍ର ବେହେରା ଅତିଥି ମାନଙ୍କୁ ସ୍ୱାଗତ ପ୍ରଦାନ କରିବା ସହ ଲୋକ ଅଦାଲତ ପୁରୀର ସଭ୍ୟ ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର, ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଆଜି ଦିନର ଗୁରୁତ୍ୱ ଉପରେ ପ୍ରାଧାନ୍ୟ ଦେବା ସହ ବିବେକାନନ୍ଦଙ୍କର ବାଣୀ ଓ ଦର୍ଶନର ସାବଲୀଳ ବ୍ୟାଖ୍ୟା କରିଥିଲେ । ତତ୍ ସହିତ ବିବେକାନନ୍ଦଙ୍କ ଦର୍ଶନରେ ଅନୁପ୍ରାଣିତ ହେବାକୁ ସେ ଯୁବସମାଜକୁ ଦିଗ ଦର୍ଶନ ଦେଇଥିଲେ । ଯୁବସମାଜହିଁ କେବଳ ଆମର ଦେଶକୁ ସରସ ସୁନ୍ଦର କରିବାରେ ସମର୍ଥ, ଏହା ସହିତ ରେଡ଼କ୍ରସ୍‌ର ବହୁମୁଖୀ ସେବା କାର୍ଯ୍ୟରେ ଯୋଗ ଦେବାକୁ ସେ ଆହ୍ୱାନ ଦେଇଥିଲେ । ହଜାରେ ଉପଦେଶ ଦେବାଠାରୁ ଗୋଟିଏ ଭଲ କାର୍ଯ୍ୟକୁ ଅଭ୍ୟାସ ରେ ପରିଣତ କରି ସମାଜ ପାଇଁ ଉଦାହରଣ ସୃଷ୍ଟି କରିବା ଶ୍ରେୟସ୍କର ଅଟେ ବୋଲି ସେ କହିଥିଲେ ।

ବି.ଜେ.ବି. ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁବ ରେଡ଼କ୍ରସ୍ ଅଧିକାରୀ ଶ୍ରୀମତି ଲେଖା ଦାସ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏଥିସହିତ ଜାତୀୟ ଯୁବ ଦିବସ ଉପଲକ୍ଷେ ଭାରତୀୟ ରେଡକ୍ରସ୍ ସୋସାଇଟି, ଓଡିଶା ତରଫରୁ ହକି ବିଶ୍ୱକପ ପାଇଁ ଭାରତୀୟ ଦଳକୁ ସ୍ୱାଗତ କରିବା ନିମନ୍ତେ ସ୍ଥାନୀୟ ରେଡ଼କ୍ରସ୍ ଭବନ ସମ୍ମୁଖରେ ଏକ ମାନବ ଶୃଙ୍ଖଳ ଗଠନ କରାଯାଇଥିଲା । ଏହି ଅବସରରେ ପ୍ରତ୍ୟେକ ଯୁବ ରେଡ଼କ୍ରସ୍ ସ୍ୱେଚ୍ଛାସେବୀ ନିଜ ନିଜ ହାତରେ ବିବେକାନନ୍ଦଙ୍କ ବାଣୀ ଉପରେ ସଚେତନତା ଆଧାରିତ ପ୍ଲା କାର୍ଡ ଏବଂ ସ୍ଲୋଗାନ ମାନ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୦ ଜିଲ୍ଲାରୁ ପ୍ରାୟ ୨୦୦ ରୁ ଉର୍ଦ୍ଧ୍ୱ ଯୁବ ସ୍ୱେଚ୍ଛାସେବୀ, ଆଜୀବନ ସଦସ୍ୟ/ସଦସ୍ୟା, ଯୁଥ ରେଡ଼କ୍ରସ୍ ପରାମର୍ଶଦାତା ଓ ଓଡିଶା ରାଜ୍ୟ ଶାଖାର କର୍ମକ□। ମାନେ ଯୋଗଦେଇଥିଲେ।

ଏଥିସହିତ ଏକ ସାଧାରଣ ଜ୍ଞାନ, ମୋବାଇଲ ରେ ଓଡିଆ ଭାଷାରେ ଟାଇପ, "ହକି ବିଶ୍ୱକପ" ଉପରେ ଆଧାରିତ ଚିତ୍ରାଙ୍କନ ପ୍ରତିଯୋଗିତା ଓ ବକ୍ତୃତା ପ୍ରତିଯୋଗିତା " ଆଜିର ଯୁବ ସମାଜ ଉପରେ ସାମାଜିକ ଗଣମାଧ୍ୟମର ପ୍ରଭାବ " ଉପରେ ଅନୁଷ୍ଠିତ କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray